ଆଜି - ସୋମବାର
ତାରିଖ - ୦୩ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୧୮
ତିଥି - ପଂଚମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଉ. ଭାଦ୍ର, ମୀନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୭ : ୦୦
ସୂର୍ଯ୍ୟାସ୍ତ - ୬ : ୧୯: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 111 R.N.I. REGD. No. 44026/86 ବାଲେଶ୍ୱର ୦୩ ଅଗଷ୍ଟ ୨୦୨୬ ସୋମବାର BALASORE 03 AUGUST 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

"ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାଚରଣରେ ନିଆଯିବା ଭଳି ନୀତି ଦିନେ ସାରା ବିଶ୍ୱକୁ ମାନବଶୂନ୍ୟ କରିଦେବ"

- ମହାତ୍ମା ଗାନ୍ଧୀ

## ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

### ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କରିବେ ଉଦ୍‌ଘାଟନ



ଭୁବନେଶ୍ୱର : ଅଗଷ୍ଟ ୩ ତାରିଖରେ କଟକସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ । ଏହି ବିଶ୍ୱବିଦ୍ୟାଳୟର ସ୍ଥାପନା ଜଗଦ୍‌ଗୁରୁ ଶ୍ରୀକୃପାଳୁଜୀ ମହାରାଜଙ୍କ ଦିବ୍ୟ ପ୍ରେରଣା ଏବଂ ତାଙ୍କର ବରିଷ୍ଠ ଶିଷ୍ୟ, ବିଶ୍ୱପ୍ରସିଦ୍ଧ ଆଧାତ୍ମିକ ଗୁରୁ ତଥା ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ କଲିକତାର ପୂର୍ବତନ ଛାତ୍ର ଏବଂ ଅନେକ ବେଷ୍ଟସେଲର୍ ପୁସ୍ତକର ଲେଖକ ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ନେତୃତ୍ୱରେ ସମ୍ଭବ ହୋଇଛି । ସ୍ୱାମୀଜୀ ଏହାକୁ ତାଙ୍କ ଗୁରୁସେବାର ଏକ ମହତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବେ ଗ୍ରହଣ କରି ବର୍ଷ ବର୍ଷ ଧରି ଏହାର ସାକାର ରୂପ ପାଇଁ ପ୍ରୟାସ କରିଆସିଛନ୍ତି । ପ୍ରାୟ ୧୦୦ ଏକର ଜମିରେ ବିକଶିତ ଏହି ବିଶ୍ୱବିଦ୍ୟାଳୟରେ ପ୍ରଥମ ଶିକ୍ଷାବର୍ଷରୁ ଇଞ୍ଜିନିୟରିଂ, ପରିଚାଳନା, କମ୍ପ୍ୟୁଟର ଆପ୍ଲିକେସନ୍ ଓ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ପାଠ୍ୟକ୍ରମ ଆରମ୍ଭ ହୋଇଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ଡାଟା ସାଇନ୍ସ, ଏଆଇ ଏବଂ ସାଇବର ସିକ୍ୟୁରିଟି, ପ୍ରଡକ୍ଟ ଇଂଜିନିୟରିଂ, ବିଜିନେସ ଆଡମିନିଷ୍ଟ୍ରେସନ ଏବଂ ବି.ଏନ.ୱାଇ.ଏସ ଭଳି ଆଧୁନିକ ବିଷୟଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି । ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ବିଭିନ୍ନ ସେଂଟର୍ ଅଫ୍ ଏକ୍ସଲେନ୍ସ ମାଧ୍ୟମରେ ମାନବୀୟ ଉତ୍କର୍ଷ, ବୈଦିକ ଜ୍ଞାନ, ଯୋଗ ବିଜ୍ଞାନ ଓ ସମନ୍ୱିତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଚ୍ଚମାନର ଗବେଷଣାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ରଖିଛି ।

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ସାରାଦେଶରେ ଜେନ-ଜୀ ଚର୍ଚ୍ଚାରେ ଥିବାବେଳେ ଯୁବବର୍ଗଙ୍କ ପାଇଁ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ନିଶା କବଳରେ ପଡ଼ି ଯୁବପିଢ଼ି ଅବାଟରେ ଚାଲିଯାଉଥିବାରୁ, ରୋକିବା ପାଇଁ ନିଶା ସେବନ ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ନେଇଛନ୍ତି ଦୃଢ଼ ସଂକଳ୍ପ । ନିଶା ସେବନ ଠାରୁ ଯୁବବର୍ଗଙ୍କୁ ଦୂରେଇ ରଖିବା ସହ ବିକଶିତ ଭାରତ ନିର୍ମାଣ ପାଇଁ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭିଡିଓ କନଫରେନ୍ସିଂରେ ଯୋଡ଼ି ହୋଇ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ନିଜ ନିଜ କ୍ଷେତ୍ରରେ ସକାରାତ୍ମକ ସାମାଜିକ ପରିବର୍ତ୍ତନର ଦୂତ ହେବାକୁ ଆହ୍ୱାନ ଦେଇଛନ୍ତି । କହିଛନ୍ତି, ନିଶା ଯୁବବର୍ଗଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ । ବହୁ ପରିବାର ଉଜୁଡ଼ି ଯାଇଥାଏ । ତେଣୁ ନିଶାଠାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି । ସାରା ଦେଶରେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାର ବିରୁଦ୍ଧରେ ଏକତ୍ରିତ ହେବା ଉପରେ ଜୋର ଦେଇଛନ୍ତି । ଓଡ଼ିଶାରେ ମଧ୍ୟ ଆରମ୍ଭ ହୋଇଛି ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ । ଏହି ଅଭିଯାନର ଶୁଭାରମ୍ଭ ଅବସରରେ ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି । ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ । ଆଗାମୀ ୧୦୦ ସପ୍ତାହ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ । ସମସ୍ତ ଯୁବବର୍ଗଙ୍କୁ SAY NO TO DRUGS ଶପଥ ନେଇ ନିଜକୁ ନର୍କରୁ ନିଶାଠାରୁ ଦୂରେଇ ରଖିବାକୁ ଅନୁରୋଧ କରିଛନ୍ତି । ଏଥିସହ କୌଣସି ବି ଅଂଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ଅଭିଯାନର ଶୁଭାରମ୍ଭ ଦିନରେ ଦେଶର ପ୍ରାୟ ଲକ୍ଷ ଲକ୍ଷ ଯୁବବର୍ଗ ଯୋଡି ହୋଇ ନିଶାମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନେଇଛନ୍ତି ।

## ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନିଭାନ୍ତୁ : ରାଜ୍ୟପାଳ



ଭୁବନେଶ୍ୱର : ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନିଭାଇବାକୁ ଓଡିଶାର ମାନ୍ୟବର ରାଜ୍ୟପାଳ ଡ . ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ରବିବାର ଦିନ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଚେତନତା ଓ ଯୁବ ସଶକ୍ତୀକରଣ ଅଭିଯାନରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଦେଶର ଭବିଷ୍ୟତ କେବଳ ସରକାରଙ୍କ ନୀତି କିମ୍ବା ଭିତିଭୂମି ନିର୍ମାଣ ଦ୍ୱାରା ନୁହେଁ ବରଂ ଯୁବପିଢ଼ିର ମୂଲ୍ୟବୋଧ, ସଠିକ୍ ନିଷ୍ପତି ଓ ଦାୟିତ୍ୱବୋଧ ଦ୍ୱାରା ନିର୍ଦ୍ଧାରିତ ହେବ ବୋଲି ରାଜ୍ୟପାଳ କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଶୁଭାରମ୍ଭ କରିଥିବା ଏହି ଅଭିଯାନ ଏକ ସୁସ୍ଥ, ଆତ୍ମବିଶ୍ୱାସୀ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଜାତୀୟ ସଂକଳ୍ପର ଆରମ୍ଭ । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ, 'ନିଶାମୁକ୍ତ ଭାରତ'ର ପରିକଳ୍ପନା ଦେଶର ସବୁଠୁ ବଡ଼ ଶକ୍ତି ଭାବେ ଯୁବପିଢ଼ିକୁ ସ୍ୱୀକାର କରିଛି । ସୁସ୍ଥ, ଶୃଙ୍ଖଳିତ ଓ ଦୃଢ଼ସଂକଳ୍ପବଦ୍ଧ ଯୁବପିଢ଼ି ହିଁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ । ରାଜ୍ୟପାଳ ପୁଣି କହିଥିଲେ ଯେ, ନିଶା ନୀରବରେ ଯୁବପିଢ଼ିର ସ୍ୱପ୍ନକୁ ଧ୍ୱଂସ କରିଥାଏ, ବିଚାରଶକ୍ତିକୁ ଦୁର୍ବଳ କରିବା ସହ ସେମାନଙ୍କଠାରୁ ସଫଳତାର ସୁଯୋଗ ଛଡ଼ାଇ ନେଇଥାଏ । ଏହା କେବଳ ବ୍ୟକ୍ତିବିଶେଷଙ୍କୁ କ୍ଷତି ପହଂଚାଏ ନାହିଁ, ପରିବାରକୁ ମାନସିକ ଓ ଆର୍ଥିକ ଦୁଃଖ ଦେବା ସହ ଉତ୍ପାଦନକ୍ଷମ ନାଗରିକ ସୃଷ୍ଟି କରିବାରେ ସମାଜ ଓ ରାଷ୍ଟ୍ରକୁ ବଂଚିତ କରିଥାଏ । ନିଶାକୁ ପ୍ରତ୍ୟାଖ୍ୟାନ କରିବା କେବଳ ବ୍ୟକ୍ତିଗତ ନିଷ୍ପତି ନୁହେଁ, ବରଂ ପରିବାର, ଶିକ୍ଷକ, ବନ୍ଧୁ ଓ ଦେଶର ଏକ ଦାୟିତ୍ୱ ବୋଲି ସେ କହିଥିଲେ । ସୁସ୍ଥ ଓ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନ ବିତାଇବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କୃତି, ନବସୃଜନ ଓ ସ୍ୱେଚ୍ଛାସେବାକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବାର ଉଲ୍ଲେଖ କରି ରାଜ୍ୟପାଳ ଯୁବପିଢ଼ିଙ୍କୁ ନିଶା ପରିବର୍ତ୍ତେ ଖେଳପଡ଼ିଆ, ନିଶା ପରିବର୍ତ୍ତେ ଶିକ୍ଷା ଏବଂ ଆତ୍ମବିନାଶ ପରିବର୍ତ୍ତେ ସମାଜସେବାକୁ ଆପଣେଇବାକୁ ଆହ୍ୱାନ ଜଣାଇଥିଲେ । ନିଶାମୁକ୍ତ ସମାଜ ଗଠନ ପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ, ସମାଜ ଓ ଯୁବପିଢ଼ିଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଏହି ଅଭିଯାନର ଅଗ୍ରଦୂତ ସାଜିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇ ନିଶାମୁକ୍ତ ରହିବା ସହ ସଚେତନତା, ସହାନୁଭୂତି ଓ ସାମାଜିକ ଦାୟିତ୍ୱର ବାର୍ତ୍ତାକୁ ସର୍ବତ୍ର ପହଂଚାଇବା ପାଇଁ ଶପଥ ନେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ ।

## ଅଳ୍ପରେ ଖବର

- ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ । ଆସନ୍ତାକାଲି ରାଷ୍ଟ୍ରପତି କଟକରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିବେ ।
- ଆସନ୍ତା ୪ ଓ ୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତ ଲାଗି ଟ୍ରାଫିକ୍ ଆଡଭାଇଜରି ଜାରି ହୋଇଛି । ବ୍ରହ୍ମପୁର ସହର ଓ ଆଖପାଖ ଅଂଚଳରେ ନିର୍ଦ୍ଦିଷ୍ଟ ସମୟ ପାଇଁ କଟକଣା ଜାରି କରାଯାଇଛି ।
- ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କୁ ହୃଦୟରୁ ଧନ୍ୟବାଦ ।
- ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ସଫଳତା ହାସଲ କରିଛି ।

## ଓଡ଼ିଶା ହେବ ସମ୍ପୂର୍ଣ୍ଣ ନିଶାମୁକ୍ତ

### ୧୦୦ ସପ୍ତାହର ବ୍ୟାପକ ଜନ-ଆନ୍ଦୋଳନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ'ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ । ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ଯେ, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ । ସୂଚନା ଯୋଗ୍ୟଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସୀ ଉପସ୍ଥିତିରେ ଦେଶର ୧୦,୦୦୦ ରୁ ଅଧିକ ସ୍ଥାନରେ ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଏକତ୍ରିତ ହୋଇ ଏକ ସୁସ୍ଥ, ଶୃଙ୍ଖଳିତ, ସଂସ୍କାରପୂର୍ଣ୍ଣ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି ।

## ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରିଛି : ମନ୍ତ୍ରୀ ସୁରେଶ ପୂଜାରୀ

### ଅଗ୍ରୀମ ୫୦୦ କୋଟି ଟଙ୍କା ବନ୍ୟା ସହାୟତା ରାଶି ପ୍ରଦାନ କଲେ କେନ୍ଦ୍ର ସରକାର





ଭୁବନେଶ୍ୱର : ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରିଛି । ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଅଗ୍ରୀମ ୫୦୦ କୋଟି ଟଙ୍କା ବନ୍ୟା ସହାୟତା ରାଶି ପ୍ରଦାନ କରିଛନ୍ତି । ଚଳିତ ବନ୍ୟାରେ ୨୩ ଜିଲ୍ଲା ପ୍ରଭାବିତ ହୋଇଛି । କ୍ଷୟକ୍ଷତି ଆକଳନ ପାଇଁ କୃଷି ଓ ରାଜସ୍ୱ ବିଭାଗ କାମ ଆରମ୍ଭ କରିଛି । ରାଜସ୍ୱ ଅଧିକାରୀ ଗାଁକୁ ଗାଁ ଯାଇ ରିପୋର୍ଟ ପ୍ରସ୍ତୁତ କରିବେ । ଏହାକୁ ସମ୍ବେଦନଶୀଳ ଓ ମାନବୀୟ ଦୃଷ୍ଟିରୁ ଆକଳନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାଣି ଛାଡିବାର ୭୨ଘଂଟା ଭିତରେ କ୍ଷୟକ୍ଷତି ଆକାଳନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ନଳକୂଅ, କୂଅ ସମେତ ସମସ୍ତ ଜଳ ଉତ୍ସ ବିଶୋଧନ ହେଉଛି । ବିଶୋଧନ ନ ହେବା ଯାଏଁ ପିଇବା ପାଣି ଲୋକଙ୍କ ପାଖରେ ପହଂଚିବ । ସାପ କାମୁଡ଼ା ଇଞ୍ଜେକେଶନ ମହଜୁଦ ଅଛି । ତୁରନ୍ତ କ୍ଷୟକ୍ଷତି ଆକଳନ ସହ ଅଙ୍ଗନବାଡି ଓ ସ୍କୁଲର କ୍ଷତି ରିପୋର୍ଟ ବି ମଗାଯାଇଛି । ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ମହାନଦୀରେ ଟଳିଲା ବନ୍ୟା ଆଶଙ୍କା : ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ



ଭୁବନେଶ୍ୱର : ଆଉ ବନ୍ୟା ଆଶଙ୍କା ନାହିଁ । ମହାନଦୀ ସହ ଅନ୍ୟ ନଦୀ ମାନଙ୍କରେ ବନ୍ୟା ଆଶଙ୍କା ଟଳିଛି । ସ୍ଥିତି ସମୀକ୍ଷା କରି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ । ଏହା ସହିତ କେଉଁ କାରଣ ପାଇଁ ପରିସ୍ଥିତି ହୋଇଥିଲା ସ୍ପଷ୍ଟ କରିଛନ୍ତି ଇଆଇସି । ବନ୍ୟା ସ୍ଥିତିକୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି,'' ଜୁନରେ ୪୭ ପ୍ରତିଶତ କମ୍ ବର୍ଷା ହୋଥିଲା । ଜୁଲାଇରେ କିନ୍ତୁ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି । କିଛି ସ୍ଥାନରେ କମ୍ ସମୟ ମଧ୍ୟରେ ୨ଶହ ମିମି ବର୍ଷା ହୋଇଥିଲା । ଯେଉଁଥି ପାଇଁ ବନ୍ୟା ହେଲା ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି । ବୈତରିଣୀରେ କିନ୍ତୁ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ।'' ବନ୍ୟା ସ୍ଥିତିକୁ ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ''ବର୍ତ୍ତମାନ ଆମର ଅଧିକ ଫୋକସ ମହାନଦୀ ଏବଂ ହୀରାକୁଦ ଉପରେ ରହିଛି । ତଳମୁଣ୍ଡରୁ ବନ୍ୟାଜଳ ନିଷ୍କାସନ ହେବା ପରେ ଯେଉଁ ବନ୍ୟାଜଳ ଆମେ ପାଇଥିଲେ, ତେଲ୍ ଏବଂ ହୀରାକୁଦ ଏବଂ ମୁଣ୍ଡଳୀ ଭିତରେ ଯେଉଁ ବର୍ଷା ହୋଇଥିଲା ତାହା କମିବା ପରେ ଆମେ ହୀରାକୁଦରୁ ପାଣି ଛାଡିବା ଆରମ୍ଭ କରିଥିଲୁ । ୨୨ଟି ଗେଟ୍ ଖୋଲା ଯାଇଥିଲା । ଆଜି ୧୨ଟା ସୁଦ୍ଧା ହୀରାକୁଦ ୱାଟର ଲେବୁଲ୍ କମିଛି । ବର୍ତ୍ତମାନ ତାହା ୬୨୩.୬୯ ଫୁଟରେ ଅଛି । ଏହା ଧୀରେ ଧୀରେ କମୁଛି । ଆକଳନ ସୁଦ୍ଧା ୪ତାରିଖ ଭିତରେ ଏହାକୁ ଆମେ ୬୧୫ ଫୁଟ୍ କମାଇବୁ । ଏହେ ହୀରାକୁଦ ଜଳଭଣ୍ଡାରକୁ ୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି । ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ଡ୍ୟାମରୁ ନିଷ୍କାସିତ ହେଉଛି । ଯେତିକି ଜଳ ଆମେ ପାଉଛେ ଜଳଭଣ୍ଡାର ଭିତରକୁ ତାର ଦେଢ଼ଗୁଣା ଜଳ ଆମେ ନିଷ୍କାସିତ କରୁଛୁ । ତେଣୁ ହୀରାକୁଦ ଜଳ ଧୀରେ ଧୀରେ କମୁଛି । '' ମହାନଦୀ ବନ୍ୟା ଆଶଙ୍କା ଟଳିଛି । ଜଳସ୍ତର ଦ୍ରୁତ ଗତିରେ ଖସୁଛି । ଗତକାଲି ସନ୍ଧ୍ୟା ୬ଟାବେଳେ ମୁଣ୍ଡଳିରେ ୫.୫୯ ଲକ୍ଷ ଘନଫୁଟ (କ୍ୟୁସେକ) ପାଣି ଚାଲିଥିଲା ।

## ବିକାଶର ନୂଆ ମଡେଲକୁ କ୍ୟାବିନେଟର ମଞ୍ଜୁରୀ

### ରାଜ୍ୟର ପ୍ରଥମ ସିଟି ଇକୋନୋମିକ୍ ରିଜିଅନ୍ ହେବ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ




ଭୁବନେଶ୍ୱର: ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟକୁ ସାକାର କରିବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । କ୍ୟାବିନେଟ 'ଓଡ଼ିଶା ଡେଭେଲପମେଂଟ ଅଥରିଟି (ସଂଶୋଧନ) ବିଲ୍-୨୦୨୬'କୁ ମଞ୍ଜୁରୀ ଦେଇଛି । ଏହି ବିଲ୍ ପାସ୍ ହେଲେ ରାଜ୍ୟରେ ଇକୋନୋମିକ୍ ରିଜିଅନ୍ ଡେଭେଲପମେଂଟ ଅଥରିଟି ଗଠନର ବାଟ ଫିଟିବ । ଏହି ସଂଶୋଧନ ମାଧ୍ୟମରେ ଓଡ଼ିଶା ଡେଭେଲପମେଂଟ ଅଥରିଟି ଆଇନ-୧୯୮୨ରେ "ଅର୍ଥନୈତିକ ଅଂଚଳଏବଂ "ଅର୍ଥନୈତିକ ଅଂଚଳ ବିକାଶ ପ୍ରାଧିକରଣର ନୂଆ ସଂଜ୍ଞା ଯୋଡ଼ାଯିବ । ସେହିପରି ଆଇନରେ ନୂଆ ଅଧ୍ୟାୟ-ଓଓଇ ସାମିଲ କରାଯିବ । ଏହା ଫଳରେ ଭବିଷ୍ୟତରେ ପ୍ରତ୍ୟେକ ଥର ନୂଆ ଆଇନ ଆଣିବାର ଆବଶ୍ୟକତା ପଡ଼ିବ ନାହିଁ । ରାଜ୍ୟ ସରକାର ଆବଶ୍ୟକତା ଅନୁସାରେ ବିଭିନ୍ନ ଅଂଚଳ ପାଇଁ ରଜଉଇ ଗଠନ କରିପାରିବେ । ରାଜ୍ୟ ସରକାରଙ୍କ ଓଡ଼ିଶା ଭିଜନ୍-୨୦୩୬ ଓ ଭିଜନ୍-୨୦୪୭ରେ ସହରୀକରଣକୁ ଅର୍ଥନୈତିକ ବିକାଶର ପ୍ରମୁଖ ଇଞ୍ଜିନ୍ ଭାବେ ଚିହ୍ନଟ କରାଯାଇଛି । ଏହି ଯୋଜନା ଅନୁସାରେ ଏକାଧିକ ସହରକୁ ଯୋଡ଼ି ଆଧୁନିକ ଭିତିଭୂମି, ଶିଳ୍ପ, ଚାକିରି, ଉନ୍ନତ ପରିବହନ ଏବଂ ସମନ୍ୱିତ ନଗର ସେବା ସହିତ ବଡ଼ ଅର୍ଥନୈତିକ କରିଡରରେ ପରିଣତ କରାଯିବ । ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୪ଟି ପ୍ରମୁଖ ଅର୍ଥନୈତିକ ଅଂଚଳ ଚିହ୍ନଟ କରିଛନ୍ତି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍, ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର ଇକୋନୋମିକ୍ ରିଜିଅନ୍, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଇକୋନୋମିକ୍ ରିଜିଅନ୍, ଜୟପୁର-କୋରାପୁଟ-ସୁନାବେଡ଼ା ଇକୋନୋମିକ୍ ରିଜିଅନ୍ । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଂଚଳ ପାଇଁ ନୀତି ଆୟୋଗ (ସହଯୋଗରେ ପୂର୍ବରୁ ଏକ ବିସ୍ତୃତ ଅର୍ଥନୈତିକ ଯୋଜନା ପ୍ରସ୍ତୁତ ହୋଇସାରିଛି । ବିଧାନସଭାରେ ବିଲ୍ ପାସ୍ ହେବା ପରେ BKPPERକୁ ଓଡ଼ିଶାର ପ୍ରଥମ ସହର ଅର୍ଥନୈତିକ ଅଂଚଳ (ଉରଜ) ଭାବେ ଗଠନ କରାଯିବ । କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ସମଗ୍ର ଦେଶରେ କେବଳ ୪ଟି ସହର ଅର୍ଥନୈତିକ ଅଂଚଳକୁ ସ୍ୱୀକୃତି ଦିଆଯାଇଛି । ସେଗୁଡ଼ିକ ହେଲା, ଈକଚଚରଜ (ଓଡ଼ିଶା), ବାରାଣସୀ (ଉତର ପ୍ରଦେଶ), ସୁରତ (ଗୁଜରାଟ), ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ) । ଏଥିରୁ ସ୍ପଷ୍ଟ ହେଉଛି ଯେ, ଓଡ଼ିଶାର ଈକଚଚରଜକୁ ଜାତୀୟ ସ୍ତରରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।



# ଜିଲ୍ଲା ରକ୍ତଦାତା ସଂଘ ପକ୍ଷରୁ ରକ୍ତଦାନ ଆୟୋଜକଙ୍କୁ ଦିଆଗଲା ସମ୍ବର୍ଦ୍ଧନା

ବାଲେଶ୍ୱର(ନି.ପ୍ର.) ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ଅସଂଖ୍ୟ ରୋଗୀଙ୍କ ଜୀବନ ରକ୍ଷା କରିବା ସହ ସମାଜରେ ମାନବିକତା ଓ ସେବାଭାବକୁ ସୁଦୃଢ଼ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘ ପକ୍ଷରୁ ରକ୍ତଦାନ ଶିବିରଗୁଡ଼ିକୁ ସଫଳ ଭାବେ ଆୟୋଜନ କରୁଥିବା ବିଭିନ୍ନ ସଂଗଠନର ଆୟୋଜକମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସଭା ଓଡ଼େଶା ଭବନରେ ଅନୁଷ୍ଠିତ ହୋଇଯାଇଛି ।



ଏହି କାର୍ଯ୍ୟକ୍ରମର ସଦର ବାଲେଶ୍ୱର, ବାହାନଗା ଓ ରେମୁଣା ବ୍ଲକର ରକ୍ତଦାନ କ୍ଷେତ୍ରରେ ସକ୍ରିୟ ଥିବା ଆୟୋଜକ, ସ୍ୱେଚ୍ଛାସେବୀ ଓ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏସ୍.ଡି.ପି.ଓ. ପ୍ରଜ୍ଞା ମହାନ୍ତି ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ସେ କହିଥିଲେ ଯେ, ରକ୍ତର କୌଣସି କୃତ୍ରିମ ବିକଳ୍ପ ନଥିବାରୁ ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ସ୍ୱଇଚ୍ଛାରେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ମଧ ଏଥିପାଇଁ ପ୍ରେରିତ କରିବା ଆବଶ୍ୟକ । ରକ୍ତଦାନ ମାଧ୍ୟମରେ ଜଣେ ଅଜଣା ମଣିଷର ଜୀବନ ବଂଚାଇବା ହିଁ ସର୍ବୋତମ ମାନବ ସେବା ବୋଲି ସେ ମତ ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ସଂଘର ସାଧାରଣ ସମ୍ପାଦକ ଇଂ. ହୃଷୀକେଶ ସାହୁ, ଉପସଭାପତି ସୁବ୍ରତ କୁମାର ରଣା, ସୁମନ୍ତ କୁମାର ଜେନା ଓ ଉପଦେଷ୍ଟା ଖିତୀଶ୍ୱର୍ ଦାଶ ପ୍ରମୁଖ ଯୋଗଦେଇ ରକ୍ତଦାନ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଦେବାଶିଷ ପାଣି, ରାଜେଶ ଗିରି, କୋଷାଧ୍ୟକ୍ଷ ଅକ୍ଷୟ ତ୍ରିପାଠୀ, ସାଇରୁଲ ହକ୍, ଭଗବାନ ମହାନ୍ତି, ଜଗନ୍ନାଥ ଦତ ପରିଚାଳନା କରିଥିଲେ । ସମାରୋହରେ ସଦର ବ୍ଲକ ଓ ବାଲେଶ୍ୱର ପୌରପରିଷଦ ଅଂଚଳର ୭୦ ଜଣ, ରେମୁଣା ବ୍ଲକର ୩୨ ଜଣ ଏବଂ ବାହାନଗା ବ୍ଲକର ୧୦ ଜଣ ରକ୍ତଦାନ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ଲକ୍ଷ୍ମୀଧର ବାରିକ ସମସ୍ତ ଅତିଥି, ସମ୍ବର୍ଦ୍ଧିତ ଆୟୋଜକ, ସ୍ୱେଚ୍ଛାସେବୀ ଏବଂ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଆସନ୍ତା ୯ ତାରିଖରେ ଏକ ରକ୍ତଦାନ ଶିବିର ଭେନୀୟା ଠାରେ ଅନୁଷ୍ଠିତ ହେବ ।

# ପାଳିତ ହେଲା ବିଶିଷ୍ଟ ଲୋକ-ନେତା ଅରୁଣ ଦେଙ୍କ ପଂଚମ ସ୍ମୃତି ସମାରୋହ

ବାଲେଶ୍ୱର,(ନି.ପ୍ର.): ବିଶିଷ୍ଟ ଜନନେତା ସ୍ୱର୍ଗତଃ ଅରୁଣ ଦେ କେବଳ ଜଣେ ନେତା ନଥିଲେ ସିଏ ଗୋଟିଏ ଚଳନ୍ତି ଅନୁଷ୍ଠାନ ଥିଲେ । ସାଧାରଣ ମେହନତୀ ମଣିଷଙ୍କ ଠାରୁ ଆରମ୍ଭ କରି ସମାଜର ସବୁସ୍ତରର ଲୋକଙ୍କର ସେ ଥିଲେ ସାହା ଭରଷା । ସେ ପ୍ରକୃତ ଅର୍ଥରେ ଥିଲେ ଲୋକଙ୍କର ନେତା । ସେ ଏଭଳି ଜଣେ ଦୁଃସାହସିକ ନେତା ଥିଲେ ଯିଏ ବିଧାନସଭା ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ସାହସର ସହିତ ପ୍ରଶ୍ନ ପଚାରି ପାରୁଥିଲେ ଏବଂ ସମାଧାନର ବାଟ ମଧ ବାହାର କରୁଥିଲେ ବୋଲି ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ-୨ ଠାରେ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସ୍ୱର୍ଗତ ଦେଙ୍କ ୫ମ ଶ୍ରାଦ୍ଧବାର୍ଷିକୀରେ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଅରୁଣ ଦେ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ରଂଜନ ବାଗ ଅଧ୍ୟକ୍ଷତା କରି ସ୍ୱର୍ଗତ ଦେଙ୍କ ଜୀବନଚର୍ଯ୍ୟା ଓ ସଂଗ୍ରାମୀ ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସ୍ୱର୍ଗତଃ ଦେଙ୍କ ତୈଳଚିତ୍ରରେ ସାମୂହିକ ପୁଷ୍ପାର୍ଘ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି



ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା, ବାଲେଶ୍ୱର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ନଗରପାଳ ତପନ ଚକ୍ରବର୍ତ୍ତୀ, ଉପନଗରପାଳ କୈଳାଶ ସେଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସଂଜୟ କୁମାର ଦାସ, ସଂଗ୍ରାମ କୁମାର ଦାସ, ପ୍ରାକ୍ତନ ଉପ ନଗରପାଳ ମନୋଜ କୁମାର ରାଉତ, ପେଟ୍ରୋଲ ପମ୍ପ ମାଲିକ ସଂଘର ସମ୍ପାଦକ ପ୍ରଦୀପ ଦାସ, ବରିଷ୍ଠ ଆଇନଜୀବୀ ପୁରୁଷୋତମ ବିଶ୍ୱାଳ, ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ଅରୁଣ ଜେନା, ରେମୁଣା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଗୋପିନାଥ ସେନାପତି, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ଉଦ୍ ?ବୋଧନ ଦେଇ ସ୍ୱର୍ଗତଃ ଅରୁଣ ଦେଙ୍କ ସ୍ମୃତିଚାରଣ କରିବା ସଂଗେ ସଂଗେ ତାଙ୍କ ଭଳି ସାହସିକତାର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆଜି ପୂର୍ବାହ୍ନରେ ସ୍ୱର୍ଗତଃ ଦେଙ୍କ ମଲ୍ଲିକାଶପୁରସ୍ଥିତ ବାସଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଏବଂ ତାଙ୍କ ପିତା ଗଡ଼ଜାତ ଆନ୍ଦୋଳନର ନେତା ସ୍ୱର୍ଗତଃ ଗୋଲକନାଥ ଦେଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ଓଟି ରୋଡ଼ ପାର୍ଶ୍ୱରେ ଥିବା ଦେଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ସ୍ୱର୍ଗତଃ ଦେଙ୍କ ପ୍ରତି ଶ୍ରଦ୍ଧାସୁମନ ଜଣାଇଥିଲେ । ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ପରିଷଦର ଉପସଭାପତି ବିନୋଦ ଜୀ, କୋଷାଧ୍ୟକ୍ଷ ଅଭିଜିତ ଦାସ, ଗୋବିନ୍ଦ ରାଠୀ, ସମାଜସେବୀ ଯଶୋଦା ନନ୍ଦନ ଆଶ୍, ଭୋଳାନାଥ ବେହେରା, ତ୍ରିଲୋଚନ ବାରିକ, ମଧୁସୂଦନ ମହାପାତ୍ର, ଛାତ୍ରନେତା ବିଭୁଦତ ପରିଡ଼ା, ସୌଭାଗ୍ୟ ଖୁଂଟିଆ ପ୍ରମୁଖ ସୁଚାରୁରୂପେ ପରିଚାଳନାରେ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଦେଶପ୍ରିୟ ଦାଶ, ବରିଷ୍ଠ କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି, ବରିଷ୍ଠ ଗାଳ୍ପିକ ଅଞ୍ଜନ ରଥ, ଯୁବ ଗାଳ୍ପିକ ସଂଜୟ ପଣ୍ଡା, 'ସମାଜ'ର ବରିଷ୍ଠ ସହ-ସମ୍ପାଦକ କୁଳମଣି ବାରିକ, କନକ ଟିଭି ସାମ୍ବାଦିକା ସୁମନା ପରିଡ଼ା, ଶ୍ରମିକ ନେତା ନିରଞ୍ଜନ ରାଉତ, ନିରଞ୍ଜନ ବେହେରା, ସଫଳ ଉଦ୍ୟୋଗୀ ଚିରାଗ ଚୌହାନ୍, ଯୁକ୍ତ ୨ର ଛାତ୍ରୀ ସୁଶ୍ରୀ ଅନନ୍ୟା ପ୍ରଧାନ, ମୋହିତ ପଟ୍ଟନାୟକ, ଶୁଭମ ନାୟକ ଏବଂ ବାଲେଶ୍ୱରର ପ୍ରତିଷ୍ଠିତ ଚିକିତ୍ସକ ଡାକ୍ତର ପ୍ରଫୁଲ୍ଲ ଆଶ୍ଚର୍ଯ୍ୟଙ୍କୁ ମରଣୋତର ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ପର୍ବକୁ ବରିଷ୍ଠ କବି ଶ୍ରୀଦେବ ପରିଚାଳନା କରିଥିଲେ । ଶେଷରେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ସହରର ଜଳ ନିଷ୍କାସନ ସମସ୍ୟା ସମାଧାନ ଦିଗରେ ବଡ଼ ପଦକ୍ଷେପ

# ଆରସିସି ବକ୍ସ ଡ୍ରେନ୍ ପ୍ରକଳ୍ପ ପାଇଁ ପ୍ରଶାସନିକ ମଞ୍ଜୁରି ବୃଦ୍ଧି

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହରର ଦୀର୍ଘଦିନର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ବାଲିଆ ବସ୍ ?ଷ୍ଟାଣ୍ଡରୁ ରେମୁଣା (ହରିପୁର ମହାନାଳ) ପର୍ଯ୍ୟନ୍ତ ଆ ?ସିସି ବକ୍ସ ଡ୍ରେନ୍ ନିର୍ମାଣ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ସହରାଂଚଳ ବିକାଶ ବିଭାଗ ସଂଶୋଧିତ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛି । ପୂର୍ବରୁ ଏହି ପ୍ରକଳ୍ପ ପାଇଁ ୧୭ କୋଟି ୭୪ ଲକ୍ଷ ୬୩ ହଜାର ଟଙ୍କାର ମଞ୍ଜୁରି ଥିବାବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରି ୨୬ କୋଟି ୫ ଲକ୍ଷ ୭୩ ହଜାର ୬୦୦ ଟଙ୍କା କରାଯାଇଛି ।ବାଲେଶ୍ୱରବାସୀଙ୍କୁ ବର୍ଷାଦିନରେ ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାରୁ ମୁକ୍ତ କରିବା ପାଇଁ ସଦର ବିଧାୟକ ମାନସ କୁମାର ଦତ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଉଠାଇଥିଲେ । ସେ



ତୁରନ୍ତ ରାଜ୍ୟ ସରକାରଙ୍କ ସହରାଂଚଳ ବିକାଶ ବିଭାଗର ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ । ଏହାପରେ ବିଭାଗ ପକ୍ଷରୁ ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳକୁ ମଞ୍ଜୁରି ମିଳିଛି ।ସଂଶୋଧିତ ଅନୁମୋଦନ ଅନୁଯାୟୀ, ପ୍ରକଳ୍ପରେ ଜିଏସ୍ ?ଟି, କଂଟିଜେନ୍ସି, ବିଦ୍ୟୁତ୍ ଖୁଂଟ ସ୍ଥାନାନ୍ତର, ମ୍ୟାନହୋଲ୍ କଭର, ସୁରକ୍ଷା ବ୍ୟବସ୍ଥା ଓ ଡି-ୱାଟରିଂ ବ୍ୟବସ୍ଥା ପାଇଁ ମଧ ଆବଶ୍ୟକ ବ୍ୟୟ ସାମିଲ କରାଯାଇଛି । ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମଞ୍ଜୁରିକୁ ବାଲେଶ୍ୱର ସହରର ବିକାଶ ଦିଗରେ ଏକ ମାଇଲଖୁଂଟ ବୋଲି ବର୍ଣ୍ଣନା କରି ସଦର ବିଧାୟକ ଶ୍ରୀ ଦତ ବାଲେଶ୍ୱରବାସୀଙ୍କ ପକ୍ଷରୁ ରାଜ୍ୟ ସରକାର ଏବଂ ସହରାଂଚଳ ବିକାଶ ବିଭାଗର ମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସହରର ଜଳ ନିଷ୍କାସନ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବ ଏବଂ ବର୍ଷାଦିନରେ ଜଳବନ୍ଦୀ ସମସ୍ୟାରୁ ସହରବାସୀ ବହୁ ପରିମାଣରେ ଉପକୃତ ହେବେ ।

# 'ସମାଜ' ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ ବଂଟନ

ବାଲେଶ୍ୱର,(ନି.ପ୍ର.)ବାଲେଶ୍ୱର ଜିଲାର ସଦର ବ୍ଲକ ସମେତ ସୋର, ସିମୁଳିଆ, ରେମୁଣା ଓ ବସ୍ତା ଆଦି ବ୍ଲକର ବିଭିନ୍ନ ପଂଚାୟତରେ 'ସମାଜ' ପକ୍ଷରୁ ତିନି ଦିନ ଧରି ରିଲିଫ ବଂଟନ କରାଯାଇଛି । ଶୁକ୍ରବାର ବାଲେଶ୍ୱର ସହର ଉପକଣ୍ଠ ଓ ସଦର ବ୍ଲକ ବଇଁଚା ପଂଚାୟତରେ ରିଲିଫ ବଂଟନ କରାଯାଇଛି । ଶନିବାର ସୋର ବ୍ଲକ କାଂଶବାଂଶ ଓ ପିତାକାଳିଆ ନଦୀର ବନ୍ୟାରେ ପ୍ରଭାବିତ ତଳନଗର ଓ କେଦାରପୁର ଅଂଚଳର ଅସହାୟ ପରିବାରଙ୍କ ସହାୟତା ପାଇଁ ରିଲିଫ ସାମଗ୍ରୀ ବଂଟନ କରାଯାଇଛି । ବନ୍ୟା ଯୋଗୁଁ ଘରଦ୍ୱାର, ଚାଷଜମି ଓ ଜୀବନଜୀବିକା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ନିକଟରେ ପହଂଚି 'ସମାଜ'ର ବାଲେଶ୍ୱର ଦଳ ମାନବିକତାର ପରିଚୟ ଦେଇ ସହାୟତାର ହାତ ବଢ଼ାଇଥିଲ । ସଲାମପୁରରେ ସୋର ବିଧାୟକ ମାଧବ ଧଡ଼ା ପହଂଚି 'ସମାଜ'ର ଏହି ମହତ କାର୍ଯ୍ୟର ପ୍ରଶଂସା କରିବା ସହିତ ଲୋକଙ୍କୁ



ସମାଜ ଅନୁଷ୍ଠାନ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ମୋଟ ୨୩୦ଟି ରିଲିଫ ପ୍ୟାକେଟ ବଂଟନ କରାଯାଇଥିଲା । ପ୍ରତ୍ୟେକ ପ୍ୟାକେଟରେ ଚୁଡ଼ା, ଚିନି, ଅମୂଳ ଦୁଗ୍ଧ ପାଉଡର, ବିସ୍କୁଟ, ମହମବତି ଓ ଦିଆସିଲି ଭଳି ଆବଶ୍ୟକୀୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରଖାଯାଇଥିଲା । ତଳନଗର ପଂଚାୟତର ପାଟଣା ସାହିର ୫୫, ସାଲମପୁରର ୭୪, ଅଙ୍କୁରଖାର୍ଜୀର ୪୧, କେଦାରପୁର ପଂଚାୟତର ଘାସୁଆର ୪୭, ପାଟଣାର ୬ ଓ ଥାନେଶ୍ୱରର ୭ ପରିବାରଙ୍କୁ ଏହି ରିଲିଫ ସାମଗ୍ରୀ ବଂଟନ କରାଯାଇଥିଲା । ବନ୍ୟା ବିପର୍ଯ୍ୟୟ ସମୟରେ ଏଭଳି ସହାୟତା ପାଇ ଉପକୃତ ପରିବାରମାନେ 'ସମାଜ' ଅନୁଷ୍ଠାନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସୋରର ସାମ୍ବାଦିକ ରାଜାରାମ ଦାସ ରିଲିଫ ସାମଗ୍ରୀ ପ୍ରଦାନରେ ସହଯୋଗ କରିଥିଲେ । ବନ୍ୟା ବିପର୍ଯ୍ୟୟ ସମୟରେ ସମାଜର ଏହି ମାନବିକ ପଦକ୍ଷେପ ସ୍ଥାନୀୟ ଅଂଚଳରେ ପ୍ରଶଂସା ସାଉଁଟିଛି । ବିଭିନ୍ନ ଗ୍ରାମର ଲୋକମାନେ 'ସମାଜ' ଅନୁଷ୍ଠାନ ଓ ବାଲେଶ୍ୱର ଟିମ୍ ?କୁ ଧନ୍ୟବାଦ ଜଣାଇବା ସହ ବିପଦ ସମୟରେ ଏଭଳି ସାମାଜିକ ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ମତ ପ୍ରକାଶ କରିଛନ୍ତି । ସେହିପରି ସିମୁଳିଆ ବ୍ଲକ କ୍ଷୀରକୋଣା ପଂଚାୟତର ବାଙ୍କପାଟଣା ଓ ଚାଲୁଣୀ ଗାଁ ପଂଚାୟତର ବାଇଂଶୀବାଟି ଗ୍ରାମରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଂଟନ କରାଯାଇଛି । କ୍ଷୀରକୋଣା ପଂଚାୟତର ବାଙ୍କପାଟଣା ଗାଁରେ ୬୫, ଚାଲୁଣୀ ଗାଁ ପଂଚାୟତର ବାଇଂଶୀବାଟିରେ ୧୧୯ ଜଣଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । 'ସମାଜ' ବାଲେଶ୍ୱର କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କ ସହ ସମାଜସେବୀ ସୁରେଶ ଚନ୍ଦ୍ର ବେହେରା ଓ ରଞ୍ଜନ କୁମାର ରାଉତଙ୍କ ସହଯୋଗରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ସିମୁଳିଆ 'ସମାଜ' ପ୍ରତିନିଧି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୋର ପ୍ରତିନିଧି ରାଜାରାମ ଦାସ, ଖଇରା 'ସମାଜ' ପ୍ରତିନିଧି କୈଳାସ ଚନ୍ଦ୍ର ବେହେରା, ସକ୍ରିୟ ସହଯୋଗ କରିଥିଲେ । ସେହିଭଳି ରେମୁଣା ବ୍ଲକର ବନ୍ୟା ପ୍ରଭାବିତ ଲୋକଙ୍କୁ 'ସମାଜ' ପକ୍ଷରୁ ରିଲିଫ ପ୍ରଦାନ କରାଯାଇଛି । ଖରିଦମୁଖୁରା ପଂଚାୟତର ବଡୁଆ, ବାସୁଖୁଂଟାର ୩୦ ପରିବାର ଓ ନୂଆଗାଁ ପଂଚାୟତ ଦିଖାପଦାରେ ୪୦ ପରିବାରକୁ ଏହି ସବୁ ସାମଗ୍ରୀ ବଂଟନ କରାଯାଇଥିଲା । ବଡୁଆରେ ୱାର୍ଡ ସଭ୍ୟା ମାଳତୀ ମହାଳିକ, ରତିକାନ୍ତ ମଳିକ, ପ୍ରଫୁଲ ପ୍ରଧାନ, କରୁଣାକର ମଳିକ ଓ ଦିଖାପଦାରେ ନେତ୍ରୀ ଶାକମ୍ବରୀ ସିଂଙ୍କ ସହ ?ଯୋଗରେ ପୀଡ଼ିତ ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇଥିଲା । 'ସମାଜ'ର ଶାଖା ପରିଚାଳକ ସତ୍ୟବ୍ରତ ଜେନା, ସହାୟକ ରାମଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ମଳିକ, ରେମୁଣା ପ୍ରତିନିଧ ସୁରେଶ ଦାସ, ବିତରକ ବ୍ରହ୍ମାନନ୍ଦ ବିନ୍ଧାଣୀ ରିଲିଫ ବଂଟନ କରିଥିଲେ । ଅନୁରୂପ ଭାବେ ରବିବାର ବସ୍ତା ବ୍ଲକର ଇଡ଼ଦା ଓ ସଦର ବ୍ଲକର ଛାନୁଆ, ପରିଖି ଆଦି ଅଂଚଳରେ ରିଲିଫ ବଂଟନ କରାଯାଇଛି ।

# ବନ୍ୟାଂଚଳରେ ଫ୍ରି ମେଡିକାଲ କ୍ୟାମ୍ପ

ବାଲେଶ୍ୱର (ନି.ପ୍ର.)- ମେଡିକାଲ ସର୍ଭିସ ସେଂଟର ବାଲେଶ୍ୱର ଚାପ୍ଟର ଉଦ୍ୟୋଗରେ ଆଜି ସଦର ବାଲେଶ୍ୱର ର ସବୁଠାରୁ କ୍ଷତିଗ୍ରସ୍ତ ବନ୍ୟା ପ୍ରପୀଡ଼ିତ ଅଂଚଳ କଷିମିଳା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏକ ଫ୍ରି ମେଡିକାଲ କ୍ୟାମ୍ପ ଅନୁଷ୍ଠିତ ହୋଇଛି କ୍ଷ ଚଳିତ ମାସ ଲଗାଣ ବର୍ଷା ଓ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ସହରର ବସ୍ତି ଅଂଚଳ ଗୁଡିକ ଜଳ ମଗ୍ନ ହେବା ସହିତ ବ୍ୟାପକ କ୍ଷୟ କ୍ଷତି ହୋଇ ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗିବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି କ୍ଷ ସେହି ଉପଲକ୍ଷେ ଏହି ମେଡିକାଲ



କ୍ୟାମ୍ପ କରାଯାଇଛି କ୍ଷବିଶିଷ୍ଟ ଡାକ୍ତର ଡ. ପ୍ରାଜ୍ଞ ଅନିର୍ବାଣ, ଡ. ସଞ୍ଜୟ ମଲିକ, ଡ. ସଂଗ୍ରାମ ବ୍ରହ୍ମ, ଡ. ସୋଏବ ଅଲ୍ଲୀ ସମେତ ୧୦ ଜଣ ଡାକ୍ତର ଏବଂ ଫାର୍ମାସିଷ୍ଟ ଏଥିରେ ଯୋଗ ଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ କ୍ଷ କଷିମିଳା, କେଶପୁର ତଥା ଅକ୍ତିୟାର ପୁର ଗ୍ରାମ ସମେତ ପାଖାପାଖି ଅଂଚଳ ରୁ ପ୍ରାୟ ୨୦୦ ରୁ ଅଧିକ ରୋଗୀଙ୍କୁ ଏହି କ୍ୟାମ୍ପ ରେ ଚିକିତ୍ସା କରାଯାଇଥିଲା । କଷିମିଳା ଗ୍ରାମର ବିଶିଷ୍ଟ ଗ୍ରାମବାସୀ ଅଜୁ ସ୍ୱାଇଁ, ସୁଦର୍ଶନ ବେହେରା, କାର୍ତ୍ତିକ ବେହେରା ସମେତ ଅନେକ ଗ୍ରାମବାସୀ ତଥା ୱାଡ ମେମ୍ବର ଓ ଛାତ୍ର ଛାତ୍ରୀମାନଙ୍କ ପୂର୍ଣ୍ଣ ସହାୟତାରେ ଏହି କ୍ୟାମ୍ପ ଟି ସୂଚାରୁ ରୂପେ ପରିଚାଳିତ ହୋଇ ଯାଇଛି ।



ଶ୍ରାବଣ ମାସର ତୃତୀୟ ସପ୍ତାହରେ ବାଲେଶ୍ୱର ବାଲିଘାଟ ଠାରେ ଲକ୍ଷାଧିକ କାଉଡ଼ିଆ ବୁଡ଼ ପକାଇଲେ । କାଉଡ଼ିଆମାନେ ତାରକେଶ୍ୱର, ପଂଚୁଲିଙ୍ଗେଶ୍ୱର, ଚନ୍ଦନେଶ୍ୱର, ବାଣେଶ୍ୱର ପ୍ରମୁଖ ଅଂଚଳକୁ ଗସ୍ତ କରିଛନ୍ତି ।

# ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନରେ ସ୍ୱର୍ଗତ ଅରୁଣ ଦେଙ୍କ ପଂଚମ ବାର୍ଷିକୀ ଶ୍ରଦ୍ଧାଂଜଳି ସଭା

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଖ୍ରୀଷ୍ଟିୟାନ ହାଇସ୍କୁଲ ତଥା ଟେକ୍ନିକାଲ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନରେ ୨ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ସହରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ଅରୁଣ ଦେଙ୍କ ପଂଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହେବା ସଂଗେ ସଂଗେ ବକ୍ତା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କାର୍ଯ୍ୟରେ ୫ଥର ବିଧାୟକ ହୋଇଥିବା ସ୍ୱର୍ଗତ ଅରୁଣ ଦେଙ୍କ ଅବଦାନ ଥିଲା ଅବର୍ଣ୍ଣନୀୟ ବୋଲି ମତ



ପ୍ରକାଶ ପାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ ଦତ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅନ୍ୟ ମାନଙ୍କ ମଧ୍ୟରେ କାଉନସିଲର ସତ୍ୟଶିବ ଦାସ, ଭାଗବତ ସାହୁ, ବରଦା ପ୍ରଶ୍ୱନ ପଟ୍ଟନାୟକ, ସୂର୍ଯ୍ୟ



କାନ୍ତ କର,, ଶମ୍ଭୁ ସିଂ, ରଘୁନାଥ ଲେଙ୍କା, ମୋନଜ ନାଏକ, ସଭାପତି ଓକିଲ ସଙ୍ଘ, ଉତ୍ପଳ ମହାନ୍ତି, ସାଇରୁଲ ହକ, ଶାନ୍ତନୁ ଦାସ, ପୁନ ନାଏକ ରାଜେନ୍ଦ୍ର ଦାସ, ସର୍ବେଶ୍ୱର ଜେନା, ସତ୍ୟେନ୍ଦ୍ର ଦାସ, ଆସିତ ଦାସ, ଆଶ୍ରିତଲ ତରେଇ, ଛବିରାଣୀ ମନ୍ତ୍ରୀ, ବାପୁ ଦାସ, ଲେମ୍ବୁଧର ମାଝୀ, ଶ୍ରୀମନ୍ତ ମାଝୀ,ବାବୁଲି ଦାସ, ଦୀଲଦାର ହୁସେନ ପ୍ରମୁଖ ବାଲେଶ୍ୱର ସହର ର ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ଅରୁଣ ଦେୟ କଂ ସ୍ମୃତି ଚରଣ କରିଥିଲେ ମିଶନ କମ୍ପାଉଣ୍ଡ ସ୍ଥିତ ଅନ୍ଧ ମୁକ ବଧିର ସ୍କୁଲ ରେ ପିଲା ମାନେ ଉପସ୍ଥିତ ଥିଲେ ।

# ରକ୍ତ ସଙ୍କଟକୁ ଦୂର କରିବ ପାଇଁ ଆଗକୁ ଆସିଲା 'ସ୍ନୋ ଫେଷ୍ଟ ଟିମ'

ବାଲେଶ୍ୱର,(ନି.ପ୍ର.): ସାମ୍ପ୍ରତିକ ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ମୁଖ୍ୟ ରକ୍ତ ଭଣ୍ଡାରରେ ଗୁରୁତର ରକ୍ତ ସଙ୍କଟ ଦେଖାଦେଇଛି । ଜରୁରୀକାଳୀନ ପରିସ୍ଥିତିରେ



ଚିକିତ୍ସିତ ହେଉଥିବା ରୋଗୀ, ଦୁର୍ଘଟଣାଗ୍ରସ୍ତ ଏବଂ ଥାଲାସେମିଆ ପୀଡ଼ିତଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଲେଶ୍ୱରର ଅଗ୍ରଣୀ ଯୁବ ସଂଗଠନ 'ସ୍ନୋ ଫେଷ୍ଟ' ପକ୍ଷରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଆପଦକାଳରେ ମାନବସେବାଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ 'ସ୍ନୋ ଫେଷ୍ଟ ଟିମ୍' ଏବଂ 'ଶୁଭମ ସାଇ ମହାପାତ୍ର ଫାଉଣ୍ଡେସନ'ର ସଦସ୍ୟମାନେ ତୁରନ୍ତ ସଂଗଠିତ ହୋଇ ଏହି ସାମାଜିକ କାର୍ଯ୍ୟ ହାତକୁ ନେଇଥିଲେ । ଯୁବ ସମାଜସେବୀ ଶୁଭମ ସାଇ ମହାପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ହୋଇଥିବା ଏହି ଶିବିରରେ ସର୍ବମୋଟ ୪୧ ୟୁନିଟ ବ୍ଲଡ଼ ସଂଗ୍ରହ କରା ଯାଇଥିଲା ।ଏ ସମ୍ପର୍କରେ ଯୁବ ସମାଜସେବୀ ଶୁଭମ ସାଇ ମହାପାତ୍ରେ ପ୍ରକାଶ କରିଥିଲେ ଯେ "ବନ୍ୟା ବିପତି ସମୟରେ କୌଣସି ଅମୂଲ୍ୟ ଜୀବନ ଯେପରି ରକ୍ତ ଅଭାବରୁ ନ ନଷ୍ଟ ହୁଏ, ସେଥିପାଇଁ ଆମେ ଏହି କ୍ଷୁଦ୍ର ପ୍ରୟାସ କରିଛୁ । ସଙ୍କଟ ସମୟରେ ସମାଜ ସହ ଛିଡ଼ା ହେବା ଆମର ନୈତିକ କର୍ତବ୍ୟ ।"ଏହି ଶିବିରରେ ସମାଜସେବୀ ସାହିରୁଲ ହକ୍, ଧୀରଜ ମହାନ୍ତି ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିର ପରିଚାଳନା କରିବାରେ ଖୁଶଲ ଶର୍ମା, ଅନିଲ ପ୍ରଧାନ, ଜଗନ୍ନାଥ ବେହେରା, ପ୍ରକାଶ ସନ୍ଧିବିଗ୍ରହ, ଲକ୍ଷ୍ମୀଧର ମହନ୍ତ ପ୍ରଭୃତି ସକ୍ରିୟ ଭୂମିକା ନିଭାଇଥିଲେ ।




# ରାସ୍ତାର ଦୂରବସ୍ଥାକୁ ନେଇ କାଉଡ଼ିଆଙ୍କ ଭିତରେ ଅଶାନ୍ତି



ନୀଳଗିରି(ନିପ୍ର): ଶ୍ରାବଣମାସର ତୃତୀୟପାଳି ଅବସରରେ ଉତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ପଂଚଲିଙ୍ଗେଶ୍ୱର ଶୈବପୀଠକୁ ଜଳାଭିଷେକ ପାଇଁ ରାଜ୍ୟ ଏବଂ ରାଜ୍ୟବାହାରୁ ହଜାର ହଜାର କାଉଡିଆ ଜଳାଭିଷେକ ପାଇଁ ଆସୁଥିବା ବେଳେ ନୀଳଗିରି ପଂଚଲିଙ୍ଗେଶ୍ୱର ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତାରେ ଅହେତୁକ ଭିଡ଼ ଦେଖିବାକୁ ମିଳିଥିଲା । ମାତ୍ର ଏହାରି ଭିତରେ ସବୁଠି କାଉଡିଆଙ୍କ ମଧ୍ୟରେ ଅଶାନ୍ତି ଦେଖିବାକୁ ମିଳିଥିଲା । ପଂଚଲିଙ୍ଗେଶ୍ୱର ପୀଠକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଏଭଳି ଦୂରାବସ୍ଥାପାଇଁ ବୋଲବମ୍ ଭକ୍ତଙ୍କ ଗୋଡରୁ ରକ୍ତଝରିବା, ଚାଲିବାରେ ଅସୁବିଧା ହେବା, ଏପରିକି ମହିଳା ଭକ୍ତମାନେ ରାସ୍ତାଖରାପ ଯୋଗୁଁ ପଡ଼ିଯିବା ଘଟଣା ଦେଖିବାକୁ ମିଳିଛି । ଉକ୍ତ ନୀଳଗିରି ପଂଚଲିଙ୍ଗେଶ୍ୱର ବଉଳଗଡ଼ିଆ ରାସ୍ତାରେ ଏବେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଥିବାରୁ ଏହି ରାସ୍ତାରେ ବସଚଳାଚଳ ବନ୍ଦଥିବା କଥାଶୁଣି ସୋମବାର ବସରେ ଫେରିବାକୁ ଆଶାବାନ୍ଧଥିବା ଭକ୍ତମାନେ ଏବେ ଚିନ୍ତାରେ । ଉକ୍ତ ରସ୍ତା ମରଣଯନ୍ତା ହୋଇଥିବାରୁ ବସ୍ ଚଳାଚଳ କରିବା ଯୋଗୁ ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଏହି ରାସ୍ତାରେ କ୍ଷତିରେ ବସ୍ ଚଳାଇବା କଷ୍ଟକର ବ୍ୟାପର ଯୋଗୁ ଉକ୍ତ ରାସ୍ତାରେ ଯାଉଥିବା ୮ଟି ବସ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚଳାଚଳ ବନ୍ଦ ରଖିଛନ୍ତି । ରାସ୍ତା ପାଇଁ ପୂର୍ବରୁ ୨୫ ଥର ଧାରଣା ଦିଆଯାଇଥିଲା ବେଳେ, ଏବେ ବସ୍ ମାଲିକମାନେ ବି ଧାରଣା ଦେଇଛନ୍ତି । ବସ୍ ଚଳାଚଳ ବନ୍ଦଯୋଗୁଁ ଲୋକେ ଏବଂ କାଉଡିଆ ହୀନସ୍ତା ହେଉଛନ୍ତି । ତେବେ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ବାବା ପଂଚଲିଙ୍ଗେଶ୍ୱରଙ୍କୁ ଏହି ପାଳିରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱର୍ଶ ବାରଣ କରାଯାଇଛି । ଶ୍ରଦ୍ଧାଳୁ କାଉଡ଼ିଆ ଭକ୍ତମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ କରାଯାଇ ଜଳଲାଗି କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି । ତେବେ ଆଗାମୀ ସୋମବାର ଚର୍ତୁଥପାଳି ଅବସରରେ ପ୍ରଶାସନ ଉକ୍ତ ସମସ୍ୟାପ୍ରତି ତତ୍ପରତାର ସହିତ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ସହିତ ପଂଚଲିଙ୍ଗେଶ୍ୱର ପୀଠର ସୁନାମରେ ଆଂଚ ଆସିବନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି ।

# ମହିଳାଙ୍କ ପେଟରୁ ବାହାରିଲା ୫କେଜିର ଟ୍ୟୁମର

ବାଲିଆପାଳ(ନିପ୍ର): ସରକାର କହୁଛନ୍ତି ଆୟୁଷ୍ମାନ କାର୍ଡ ମାଧ୍ୟମରେ ଜଣେ ମହିଳା ଚିକିତ୍ସା ପାଇଁ ୧୦ ଲକ୍ଷର ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ପାଇବେ । ମାତ୍ର ବାସ୍ତବ କ୍ଷେତ୍ରରେ ଅଲଗା ଦେଖିବାକୁ ମିଳୁଛି । ଏହା ଏବେ କେବଳ ପ୍ରଚାର ସର୍ବସ୍ୱ ବୋଲି ଜଣେ ମହିଳା ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ମହିଳାଙ୍କ ପେଟରୁ ବାହାରିଲା ୫ କେଜିର ଟ୍ୟୁମର । ଅପରେସନ ପରେ ବି ମୃତ୍ୟୁ ସହ ସଂଗ୍ରାମ କରୁଛି ମହିଳା ଜଣକ । ଆୟୁଷ୍ମାନ କାର୍ଡ଼ରୁ ସରକାରୀ ସହାୟତା ମିଳିଲା ମାତ୍ର ୨୫ ହଜାର । ଖର୍ଚ୍ଚ ହେଲାଣି ୩ଲକ୍ଷ ୫୦ ହଜାର । ତଥାପି ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହିଁ । ସରକାରଙ୍କ ଠାରୁ ଆଶା ହରାଇ ଏବେ ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି ମହିଳାଙ୍କ ସ୍ୱାମୀ । ବାଲିଆପାଳ ବ୍ଲକ ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଭାନୁଚରଣ ବେହେରାଙ୍କ ପତ୍ନୀ ମାଳତୀ ବେହେରାଙ୍କ ପେଟ ଯନ୍ତ୍ରଣା ହେବାରୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଇ ଜାଣିଲେ ଯେ ତାଙ୍କ ପେଟରେ ଟ୍ୟୁମର ହୋଇଛି ଅପରେସନ ଜରୁରୀ ଅଛି । ପରେ ଏକ ଘରୋଇ ହସ୍ପିଟାଲରେ ଗତ ଜୁନ ମାସ ୧୬ ତାରିଖରେ ଅପରେସନ କରାଇଲେ । ଖର୍ଚ୍ଚ ହେଲା ୩ ଲକ୍ଷ ୫୦ହଜାର ଟଙ୍କା । ଏହା ବାଦ କେବଳ ଟେଷ୍ଟରେ ଖର୍ଚ୍ଚ ହେଲା ୨୦ ହଜାର । ମାତ୍ର ଆୟୁଷ୍ମାନ କାର୍ଡରୁ ୨୫ ହଜାର ଆର୍ଥିକ ସହାୟତା ମିଳିଲା । ନିଜର ଯାହା ଜମିବାଡ଼ି ସୁନାରୁପା ଅଳଙ୍କାର ଥିଲା ସବୁ ବିକ୍ରି କରି ସାରିଲେଣି ଭାନୁ ଚରଣ । ପରିବାର କଥା ବୁଝିବେ ନା ପତ୍ନୀଙ୍କ ଚିକିତ୍ସା କଥା ବୁଝିବେ । ଆର୍ଥିକ ଅନାଟନ ଭିତରେ ଭାଗ୍ୟକୁ ଆଦରି କେବଳ ଭଗବାନହିଁ ଭରସା ବୋଲି ଧରି ନେଇଛି । ଘରେ ବସାଇ ଥିବା ମୁଢି ଭଜା ମେସିନ ଦ୍ୱାରା ପ୍ରତିଦିନ ଯାହା ରୋଜଗାର ହୋଇଥାଏ ତାହାହିଁ ଭରସା । ଯେତେବେଳେ ପତ୍ନୀଙ୍କୁ ହସ୍ପିଟାଲକୁ ନେବାକୁ ପଡୁଛି ରୋଜଗାର ବନ୍ଦ ହୋଇ ଯାଉଥିବା କଥା ଦୁଃଖ ଭରା କଣ୍ଠରେ କହିଛି ଭାନୁ ଚରଣ । ଏବେ ଚିକିତ୍ସା ଅଭାବରୁ ପତ୍ନୀ ମାଳତୀର ଅବସ୍ଥା ଦିନକୁ ଦିନ ଖରାପ ଆଡକୁ ଗତି କରୁଛି । ଟଙ୍କା ଅଭାବରୁ ଚିକିତ୍ସା ହୋଇପାରୁ ନାହିଁ । ତେଣୁ ଯଦି କେହି ସହୃଦୟ ବ୍ୟକ୍ତି ମାଳତିର ଚିକିତ୍ସା ପାଇଁ ସାହାଯ୍ୟର ହାତ ବଢାଇବାକୁ ଚେଷ୍ଟା କରନ୍ତି ତେବେ ୮୩୪୨୮୪୫୨୩୩ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଭାନୁ ଚରଣ ବେହେରା ଆକୁଳ ନିବେଦନ କରିଛନ୍ତି ।

# ରାସ୍ତାରେ ବେଆଇନ ଭାବେ ବାଲି ଠୁଳ ଯୋଗୁଁ ସାଧାରଣରେ ଅସନ୍ତୋଷ



ଲଙ୍ଗଳେଶ୍ୱର(ନିପ୍ର): ବାଲିଆପାଳ ବ୍ଲକର ମାନ୍ଧାତା-ପଂଚୁପାଲି ମୁଖ୍ୟ ରାସ୍ତାର ମହାବଳା ପୋଲ ନିକଟରେ ରାସ୍ତା ଉପରେ ବାଲି ଗଦା କରି ବେପାର ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି । ଅଭିଯୋଗ ଅନୁସାରେ ଗୌରାଙ୍ଗ ଭୂୟାଁ ଓରଫ ମିଛୁଆ ଭୂୟାଁ ରାସ୍ତା କଡ଼ରେ ବାଲି ଗଦା କରି ବିକ୍ରି କରୁଛନ୍ତି । ଏହା ଫଳରେ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତାୟାତରେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଦୁଇ ଚକିଆ ଓ ଚାରି ଚକିଆ ଯାନ ଚଳାଚଳ ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି । ସ୍ଥାନୀୟ ଲୋକମାନେ ଏହି ସମସ୍ୟାର ତୁରନ୍ତ ସମାଧାନ ସହ ରାସ୍ତା ଉପରୁ ବାଲି ହଟାଇବା ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି ।

# ଖଡ଼ିଆଳ ବ୍ଲକ ସରପଡ଼ା ଠାରେ ବ୍ୟାପକ ବନ୍ୟା ପରିସ୍ଥିତି



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଖୁଦପେଜ୍ ସରପଡ଼ା ଠାରେ ବ୍ୟାପକ ବନ୍ୟା ପରିସ୍ଥିତି । ଏହି ବନ୍ୟାରେ ଧୋଇ ନେଇଅଛି ସଡ଼କ, ଯାତାୟାତ ବାଧାପ୍ରାପ୍ତ, ଆବଶ୍ୟକ ପଦକ୍ଷେପ ଏବଂ ସ୍ୱାଭାବିକ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହି ପଡ଼ା ପ୍ରତ୍ୟେକ ଘରରେ ପାଣି ପଶି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଅଛି । ସେହିପରି ଜମି ବାଲିଚର ହୋଇଥିବା ବେଳେ ଦିର୍ଘ୍ ୪/୫ ବର୍ଷ ଜମିକୁ ଚାଷ ଉପଯୋଗୀ କରିବାକୁ ଜମି ଉନ୍ନତିକର କଲେ ସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବ ବୋଲି କୃଷକ ଶକ୍ତି ସଙ୍ଗଠନ ଆବାହକ ସଞ୍ଜୟ୍ ତିୱାରୀ ପ୍ରକାଶ କରିଛନ୍ତି । ଖଡ଼ିଆଳ ଅଂଚଳ ରେ ବ୍ୟାପକ କ୍ଷତି ହୋଇଥିବା ବେଳେ ବୋଡନ କୋମନା ଏବଂ ନୂଆପଡ଼ା ବ୍ଲକ୍ ରେ ବ୍ୟାପକ କ୍ଷତି ହୋଇଅଛି । ମନୁଷ୍ୟ କୃତ ବନ୍ୟା ହୋଇଥିବା କୃଷକ ଶକ୍ତି ସଙ୍ଗଠନ ଦାବୀ କରୁଛନ୍ତି । ବିଶେଷ କରି ୨୭ ତାରିଖ ଠାରୁ ପାଣିପାଗ ବିଭାଗ ସୂଚନା ମତେ ପ୍ରବଳ ଲଗାଣ ବର୍ଷା ହେବା ଅନୁମାନ ଥିବା ବେଳେ ଜଳ ସେଚନ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ପାଣି ନଦୀ ବାଟ ରେ ଖୋଲି ନ ଥିଲେ । ଏକା ସାଙ୍ଗରେ ଛଅ ଗୋଟି ଗେଟ ଖୋଲିବାରୁ ସୁନ୍ଦର ନଦୀର ତଳି ଅଂଚଳ ରେ ଭୟାବହ ବନ୍ୟା ହୋଇଥିବା ଅଭିଯୋଗ କରିଛନ୍ତି । ଏ ବନ୍ୟା ହେବାର କାରଣ ତିଖାଲି ଡେମ୍ କର୍ତ୍ତୃପକ୍ଷ ଦାୟୀ ବୋଲି ଚାଷୀ ମାନେ କହିଛନ୍ତି ।

# ଦୋବଲରେ ନଦୀବନ୍ଧ ଘଳିଆକୁ ନେଇ ଅସନ୍ତୋଷ



ଧାମନଗର(ନିପ୍ର): ବନ୍ୟା ବିପତି ସମୟରେ ଲୋକଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଥିବା ବେଳେ ଧାମନଗର ବ୍ଲକ ଦୋବଲ ପଂଚାୟତରେ ନଦୀବନ୍ଧ ମରାମତିକୁ ନେଇ ଶାସକ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଦେଖାଦେଇଥିବା ଛକାପଞ୍ଝା ଏବେ ଚର୍ଚ୍ଚାର ବିଷୟ ହୋଇଛି । ନଦୀବନ୍ଧ ସୁରକ୍ଷା ନାଁରେ ରାଜନୀତି ଓ ସରକାରୀ ଟଙ୍କା ଆତ୍ମସାତ୍ କରିବାର ହୀନ ପ୍ରୟାସକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଦୋବଲ ପଂଚାୟତ ସୀମାରେ ଗେଙ୍ଗୁଟି ନଦୀର ବାମ ପାର୍ଶ୍ୱରେ ଥିବା ୨.୬ କିଲୋମିଟର ଲମ୍ବର ବନ୍ଧଟି ୨୦୨୧ ପରଠାରୁ ଦୁର୍ବଳ ଅବସ୍ଥାରେ ଥିଲା । ସୋଧ ଧରମ ପଡ଼ିଆ ଗଡ଼ାଣିଠାରୁ କରଦା ପୋଲ ମଧ୍ୟରେ ୧୦ ଟି ସ୍ଥାନରେ ନଦି ବନ୍ଧ ଦୁର୍ବଳ ସହ ବନ୍ଧ କଡ ରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା । ଏ ନେଇ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶପରେ ଜଳସମ୍ପଦ ବିଭାଗରନିଦ ଭାଙ୍ଗିଥିଲା । ବନ୍ୟା ପୂର୍ବରୁ ଉକ୍ତ ପଂଚାୟତର ଶାସକ ଦଳର ଗୋଟିଏ ଗୋଷ୍ଠୀ ଜଳସମ୍ପଦ ବିଭାଗର ଅନୁମତି ନେଇ ବାଲିବସ୍ତା ପକାଇ ମରାମତି କରିଥିଲେ । ମଙ୍ଗଳବାର ବନ୍ୟାଜଳ ଆସିବା ପରେ ଘଳିଆ ଆଶଙ୍କା କରି ସେମାନେ ପୁଣି ପୁନର୍ବାର ବାଲିବସ୍ତା ଓ ବାଉଁଶ ଜାଫେରି ଦେଇ ବନ୍ଧକୁ ସୁରକ୍ଷିତ ରଖିଥିଲେ, ଯାହା ଫଳରେ ବନ୍ୟା ଦାଉରୁ ଗାଁ ରକ୍ଷା ପାଇଥିଲା । ତେବେ ଏହି ସଫଳତା ନେଇଶାସକ ଦଳର ଅନ୍ୟ ବିରୋଧୀ ଗୋଷ୍ଠୀ ମଧ୍ୟରେ ଆକ୍ରୋଶ ରେ ଦଳୀୟ କନ୍ଦଳ କୁ ବୃଦ୍ଧି କରି ଶାସକ ଦଳର ଜଣେ ପ୍ରଭାବଶାଳୀ ତଥା ମନ୍ତ୍ରୀଙ୍କ ଖାସ ଅନୁଗାମୀ ଏହି ବିରୋଧୀ ଗୋଷ୍ଠୀକୁ ପଛରୁ ଇନ୍ଧନ ଯୋଗାଇଥିବା ଅଭିଯୋଗ ହୋଇଛି । ଫଳସ୍ୱରୂପ, ଶାସକ ଦଳର ବିରୋଧୀ ଗୋଷ୍ଠୀ ଶନିବାରଠାରୁ ବନ୍ଧର ସୁରକ୍ଷାପାଇଁ ପୂର୍ବରୁ ପଡ଼ିଥିବା ବାଲି ବସ୍ତା ଉପରେ ପୁଣିବାଲି ବସ୍ତା ପକା ଯାଉଛି । କିଛି ସ୍ଥାନରେ ବନ୍ଧ କୁ ଖୋଲି ବାଲି ବସ୍ତା ପକା ଯାଉଛି । ଆହୁରି ବନ୍ଧ ଉପରୁ ଘାସ ଚାଞ୍ଛି ଅଯଥାରେ ମାଟି ପକାଉଥିବା ଦେଖିବାକୁ ମିଳିଛି । ଲୋକଙ୍କ ସୁରକ୍ଷାକୁ ବାଜି ଲଗାଇ ବନ୍ଧ ମରାମତି ନାଁରେ ଅଯଥା ସରକାରୀ ଅର୍ଥ ହରିଲୁଟ୍ କରିବା ପାଇଁ ଶାସକ ଦଳର ଏହି ଗୋଷ୍ଠୀ ଏଭଳି ବେଆଇନ୍ କାର୍ଯ୍ୟ କରୁଥିବା ନେଇ ବିଜୁ ଜନତା ଦଳ ବ୍ଲକ ସଭାପତି ପ୍ରତାପ ସାମଲ କ୍ଷବ ପ୍ରକାସ କରିବା ସହ ବନ୍ଧ ମରାମତି ଦୁର୍ନୀତି ସଂମ୍ପର୍କ ରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଥିଲେ । ସବୁଠାରୁ ବଡ କଥାହେଲା ବର୍ଷା ଓ ବନ୍ୟା ପୂର୍ବରୁ ନଦୀ ବନ୍ଧ ଦୁଇ ପାଖ ସଫା କରାଯାଇ ମରାମତି କରାଯାଏ କିନ୍ତୁ ବର୍ଷା ବନ୍ୟା ଛାଡ଼ିବାପରେ ନଦୀ ବନ୍ଧସଫା କରି ଦୁର୍ନୀତି କାହା ଇଙ୍ଗିତରେହେଉଚି । ଏ ଦିଗରେ ଧାମନଗର ଜଳସେଚନ ବିଭାଗ ର ଯନ୍ତ୍ରୀ କହିଛନ୍ତି ବନ୍ୟା ପୂର୍ବରୁ ବନ୍ଧରେ ବାଲିବସ୍ତା ପଡ଼ିଚି ହେଲେ ଅନ୍ୟକିଛି କହିବାକୁ ମନା କରିଥିଲେ । ତେବେ ଏପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

# ୧୫୫ଗ୍ରାମ୍ ହେରୋଇନ ଓ ଗୋଟେ ସ୍ମାର୍ଟ ଫୋନ୍ ଜବତ, ଜଣେ ଗିରଫ

କଟକ(ନିପ୍ର): କଟକର ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ଓ ତତ୍ୱାବଧାନରେ ୟୁନିଟ୍ ହେଡ୍ କମଳ ଲୋଚନ ପାଇକରାୟ ଏବଂ ତାଙ୍କ ଟିମ୍ ଚଢ଼ାଉ କରାଯାଇଥିଲା । ଏହି ଟିମ୍ ଦ୍ୱାରା ପି ଆର ନଂ ୬୫/୨୬-୨୭ ର ଏନ ଡି ପି ଏସ ଆଇନ ୧୯୮୫ର ଧାରା ୨୧ (ବି) ଅନୁଯାୟୀ ପଶ୍ଚିମ ବଙ୍ଗ ରାଜ୍ୟର ହାଓ୍ୱରା ଜିଲ୍ଲାର ଜଗଚା ଥାନା ଅନ୍ତର୍ଗତ ସାନ୍ତ୍ରାକାଚିସ୍ଥିତ ଅମ୍ବିକା କୁଣ୍ଡୁ ବେଏ ଲେନ୍ ର ଶ୍ୟାମାପ୍ରସାଦ ନନ୍ଦୀଙ୍କ ପୁଅ ଅଭିଯୁକ୍ତ ଦୀପଙ୍କର ନନ୍ଦୀକୁ (୩୮ବର୍ଷ) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓ ଏମ୍ ପି ଛକ ସ୍ଥିତ ବେହେରା ସୁଇଟ ସପ୍ ସାମ୍ନାରେ ଅପରାହ୍ନ ୧୨.୩୦ମିନିଟ୍ ସମୟରେ ଗିରଫ କରି ୧୫୫ ଗ୍ରାମ ହେରୋଇନ (ଯାହାର ମୂଲ୍ୟ ୧୫,୬୦,୦୦୦ ଟଙ୍କା)ସହିତ ଏକ ସ୍ମାର୍ଟ ଫୋନ୍ ଜବତ କରାଯାଇଥିଲା । ଅଭିଯୁକ୍ତକୁ ଗିରଫ କରାଯାଇ ମାନ୍ୟବର ଜିଲ୍ଲା ଜଜ୍ କୋର୍ଟକୁ ପଠାଇ ଦିଆଯାଇଥିଲା । ଅବକାରୀ ବିଭାଗର ଅଫିସର ଓ ଷ୍ଟାଫ୍ ମାନେ ହେଲେ ଓ ଆଇ ସି ସୁଶ୍ରୀ ସଙ୍ଗୀତା ମହାପାତ୍ର, ଏ ଏସ ଆଇ ସୁନୀତା ଆଇନ୍ଦ୍, ମହିଳା କନଷ୍ଟେବଲ ବାସର୍ତି ସୈମା, କନଷ୍ଟେବଲ ସୁନୀଲ କୁମାର ବଳ ଓ କନଷ୍ଟେବଲ ରଞ୍ଜନ ଭୋଇ ପ୍ରମୁଖ ଥିଲେ ।

# ଏକାଦଶତମ ଶବରୀ ଉତ୍ସବରେ ଶିକ୍ଷା ସୌରଭ ସମ୍ମାନ





ଅନୁଗୋଳ(ନିପ୍ର): ଜୟଦେବ ଭବନ ପରିସରରେ ସଭାପତି ଅଧିବକ୍ତା ସୂର୍ଯ୍ୟ ନାରାୟଣ ଦାସ ଓ ସମ୍ପାଦିକା ଅଧିବକ୍ତା ସଂଘମିତ୍ରା ପରିଡ଼ା(ରିକି)ଙ୍କ ଦ୍ୱାରା ଆୟୋଜିତ "ଶବରୀ ଉତ୍ସବ ୨୦୨୬" ଅନୁଷ୍ଠିତ ହୋଇଯାଇଛି । ଡ଼ଃ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଅତିଥି ଜଷ୍ଟିସ୍ ଶତୃଘ୍ନ ପୂଜାହାରୀ, ବିଶିଷ୍ଟ ଅତିଥି ଗୁରୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଲୋକକଳା ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇ ଥିଲା । ଅତିଥିମାନେ ଶବିରୀ ଅନୁଷ୍ଠାନର ସଭ୍ୟମାନଙ୍କର ସମାଜ ସେବା, କଳା ସଂସ୍କୃତିକୁ ବଂଚାଇ ରଖିବା ଏବଂ ଗୁରୁମାନଙ୍କୁ ସମ୍ମାନିତ କରିବା ଇତ୍ୟାଦି କାର୍ଯ୍ୟ ଧାରାକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏଥି ସହିତ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଚଉଦ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଏମାନଙ୍କ ମଧ୍ୟରେ ଖୋରଧାର ବିଶିଷ୍ଟ ଶିକ୍ଷାବିତ୍, କବି, ନାଟ୍ୟ ନିର୍ଦ୍ଦେଶକ ଡ଼କ୍ଟର ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କୁ ଔପଢୌକନ ଓ ମାନପତ୍ର ସହିତ "ସୌଦାମିନୀ ମହାପାତ୍ର ଶିକ୍ଷା ସୌରଭ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ଶେଷରେ ସମ୍ପାଦିକା ସଂଘମିତ୍ରା (ରିକି) ଧନ୍ୟବାଦ ଅର୍ପଣ କରିବା ସହିତ ଏହି ସମ୍ମାନ ସମାଜରେ ଉତମ ବ୍ୟକ୍ତିମାନଙ୍କୁ ନୂତନ ଉତ୍ସାହ ଓ ପ୍ରେରଣା ଯୋଗାଇବା ବୋଲି ପ୍ରକାଶ କରିଥିଲେ ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ





ଭୁବନେଶ୍ୱର: ୟୁନିଟ-୪ ସ୍ଥିତ ମସଜିଦ ହମଦ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଭଉଣୀ ଦିବସ ଓ ବିଶ୍ୱ ସଙ୍ଗୀତ ଦିବସ ଉପଲକ୍ଷେ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଇମାଉଲ୍ଲାଃ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଜିନତ୍ ବେଗମ ସଙ୍ଗଠନ ଓ ବାହାରୁ ଆସିଥିବା ସ୍ତ୍ରୀ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ବର୍ତମାନ ସମୟରେ ଉପୁଜୁ ଥିବା ବିଭିନ୍ନ ରୋଗରୁ ଗୋଟିଏ ସ୍ତ୍ରୀ କିପରି ନିଜକୁ ସୁରକ୍ଷିତ ରଖିପାରିବ ତାହା ପ୍ରତି ସଚେତନ କରାଇ ଥିଲେ । ଭୁବନେଶ୍ୱର ଅହମଦୀୟା ମୁସଲିମ ମହିଳା ସଭାନେତ୍ରୀ ଅମତୁଲ୍ ଆଲାଙ୍କ ତତ୍ୱାବଧାନରେ ଏହି ଶିବିରଟି ଉଦଯାପିତ ହୋଇ ଥିଲା । ଏଥିରେ ୭୦ରୁ ଉର୍ଦ୍ଧ୍ୱ ସ୍ତ୍ରୀଲୋକ ମାନେ ଏହି ଶିବିରରୁ ଉପକୃତ ଲାଭ କରିଥିଲେ । କାର୍ଯ୍ୟକ୍ରମଟିକୁ ସିରାଜୁମ୍ ମୁନିର, ଖୁଶବୁ ବାନୁ, ଶହଯାଦି ପରୱିନ, ତାହିରା ସିଦିକା ପରିଚାଳନା କରିଥିବା ବେଳେ ସଂଗଠନର ଅନ୍ୟ କର୍ମକର୍ତାମାନେ ସହଯୋଗ କରିଥିଲେ ।





ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ ।

# ଆଜିକାଲି




'ଯଃ ସର୍ବତ୍ରାନଭିସ୍ନେହସ୍ତଭତ୍ ପ୍ରାପ୍ୟ ଶୁଭାଶୁଭମ୍
ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ଆକାଶଛୁଆଁ ଦର

ଲଘୁଚାପଜନିତ ବର୍ଷା ଯୋଗୁଁ ଯେଉଁଭଳି ଭାବେ ସାରା ରାଜ୍ୟ ଜଳାର୍ଣ୍ଣବ ହୋଇଛି ତାହାରି ଯୋଗୁଁ ଦରଦାମ ବୃଦ୍ଧି ପାଇବା ଯୋଗୁଁ ଜନଅସନ୍ତୋଷ ବୃଦ୍ଧି ପାଉଛି । କେବଳ ଖାଦ୍ୟଶସ୍ୟର ଯେ ଦରଦାମ ବଢ଼ିଛି ତାହା ନୁହେଁ ଅନ୍ୟାନ୍ୟ ଜିନିଷରେ ମଧ୍ୟ ଦରଦାମ ବୃଦ୍ଧି ପାଇଛି ।ପରିବା ବଜାରରେ ପ୍ରତ୍ୟେକଟି ପରିବାର ଦର ଆଜି ଶହେ ଟଙ୍କାର ସୀମା ପାର୍ କରି ଆକାଶକୁ ଛୁଇଁଲାଣି । ବାଇଗଣଠାରୁ ଆରମ୍ଭ କରି କଲରା, ଝୁଡଙ୍ଗ, ପୋଟଳ, ଭେଣ୍ଡି, ବିନ୍ସ, ଏପରିକି ସାଧାରଣ ଟମାଟୋ ଓ କଂଚାଲଙ୍କା ପର୍ଯ୍ୟନ୍ତ ସବୁକିଛିର ଦର ଶହେ ଟଙ୍କାରେ ପହଂଚିଛି । ଯେଉଁ ଆଳୁ ଓ ପିଆଜ ଗରୀବର ସାହାରା ଥିଲା, ତାହା ବି ଆଜି ସାଧାରଣ ଲୋକଙ୍କ ନାକେଦମ୍ କରିଦେଲାଣି । ସକାଳୁ ଉଠି ବଜାରକୁ ଯାଉଥିବା ବାପାଟିଏ ଯେତେବେଳେ ପରିବା ଝୋଲା ଧରି ଦୋକାନୀ ସାମ୍ନାରେ ଛିଡା ହେଉଛି, ସେତେବେଳେ ତା' ଆଖିରେ କେବଳ ଅସହାୟତା ଓ ବିଷାଦ ହିଁ ଦେଖିବାକୁ ମିଳୁଛି । ଯେଉଁ ଓଡିଶାରେ କୃଷି ଓ କୃଷକଙ୍କୁ ନେଇ ବଡ ବଡ ଦାବି କରାଯାଏ, ସେଠାରେ ସାଧାରଣ ପରିବା ଟିକିଏ ପାଇଁ ଲୋକେ ଏତେ ହନ୍ତସନ୍ତ ହେବା କେତେଦୂର ଗ୍ରହଣୀୟ ?ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏବେ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଯେ ସାଧାରଣ ମଣିଷର ମାସିକ ଆୟ ଓ ବ୍ୟୟ ମଧ୍ୟରେ କୌଣସି ତାଳମେଳ ରହୁନାହିଁ । ଦରମା ବଢୁନାହିଁ, ମଜୁରୀ ବଢୁନାହିଁ, କିନ୍ତୁ ବଜାରର ମହଙ୍ଗା ମାଡ ଦିନକୁ ଦିନ ନିର୍ଦ୍ଦୟ ଭାବେ ବଢିଚାଲିଛି । ସରକାରୀ ସ୍ତରରେ ବଡ ବଡ ସମୀକ୍ଷା ବୈଠକ ବସୁଛି, ଦର ନିୟନ୍ତ୍ରଣ ପାଇଁ ଅସଂଖ୍ୟା ପ୍ରତିଶ୍ରୁତି ଦିଆଯାଉଛି, କିନ୍ତୁ ବାସ୍ତବ ଜମିରେ ସାଧାରଣ ଖାଉଟି ପାଉଛି କ'ଣ ? କେବଳ ପ୍ରତାରଣା ଓ ଶୋଷଣ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ ବେଆଇନ ମୁନାଫାଖୋରୀ, ସାମଗ୍ରୀର କୃତ୍ରିମ ଅଭାବ ଏବଂ କଳାବଜାରୀ ଯୋଗୁଁ ଆଜି ବଜାର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଶୀତଳ ଭଣ୍ଡାରର ଅଭାବ ଏବଂ ଯୋଗାଣ ଶୃଙ୍ଖଳାର ଦୁର୍ବଳତା ଯୋଗୁଁ ଆମ ପ୍ରାନ୍ତର କୃଷକ ନିଜ ଅମଳର ଉଚିତ୍ ମୂଲ୍ୟ ପାଉନାହିଁ, ଅଥଚ ସେହି ପରିବା ବଜାରରେ ପହଁଚିଲା ବେଳକୁ ଚଢା ଦରରେ ବିକ୍ରି ହେଉଛି । ଏହି ମଧ୍ୟବର୍ତ୍ତୀ ଶୋଷଣକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନ କାହିଁକି ଏତେ ନୀରବ ଓ ଅସହାୟ ? ଆଜି ଗୋଟିଏ ନିମ୍ନମଧ୍ୟବିତ ପରିବାରରେ ପିଲାଙ୍କ ପାଠପଢା ଖର୍ଚ୍ଚ, ଘର ଭଡା, ଔଷଧ ଖର୍ଚ୍ଚ ବୁଝିବା ପରେ ରୋଷେଇ ଘର ପାଇଁ କିଛି ଶେଷରେ ବଳୁନାହିଁ । ପରିବାରର ମୁରବୀ ନିଜ ପିଲାମାନଙ୍କୁ ସୁଷମ ଖାଦ୍ୟ ଦେବାକୁ ଚାହୁଁଥିଲେ ବି ବଜାରର ଆକାଶଛୁଆଁ ଦର ତାଙ୍କ ହାତ ବାନ୍ଧି ଦେଉଛି । ଥାଳିରୁ ସବୁଜ ପରିବା ଗାୟବ ହୋଇଗଲାଣି, କେବଳ ଆଳୁ ଓ ଲୁଣ ହିଁ ଅନେକ ଘରର ଦୈନନ୍ଦିନ ଆହାର ସାଜିଛି । ଏହା କେବଳ ଅର୍ଥନୈତିକ ସମସ୍ୟା ନୁହେଁ, ଏହା ଏକ ଗମ୍ଭୀର ସାମାଜିକ ଓ ମାନବୀୟ ସଙ୍କଟ । ଆଜି ବଜାରରେ ସ୍ଥିତି ଏପରି ନିର୍ଦ୍ଦୟ ପର୍ଯ୍ୟାୟରେ ପହଂଚିଛି ଯେଉଁଠି ଦିନମଜୁରିଆ ନିଜ ସାରା ଦିନର ରକ୍ତଝାଳ ବୁହା ରୋଜଗାର ନେଇ ହାଟକୁ ଗଲେ ବି ପରିବାର ପାଇଁ ମାତ୍ର ଗୋଟିଏ ଓଳିର ପରିବା କିଣିବାକୁ ଅସମର୍ଥ ହେଉଛି, ଯେଉଁଠାରେ ବାଇଗଣ, ଆଳୁ, କାଙ୍କଡ, ଭେଣ୍ଡି ଓ ଟମାଟୋ ପରି ପ୍ରତ୍ୟେକ ସାଧାରଣ ସାମଗ୍ରୀର ଦାମ ସୀମା ଟପି ଆକାଶକୁ ଛୁଉଁଛି ସେଠାରେ ଦୋକାନୀ ଏବଂ ଖାଉଟିଙ୍କ ମଧ୍ୟରେ କେବଳ ଆକ୍ଷେପ ଓ ଅସହାୟତାର ବାକ୍ୟୁଦ୍ଧ ଚାଲିଛି, କଳାବଜାରୀଙ୍କ ଦାଉରେ ଖାଉଟି ଆଜି ସମ୍ପୂର୍ଣ୍ଣ କ୍ଳାନ୍ତ ଓ ନିଶ୍ୱ ହୋଇପଡିଛି, ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ଭୁଶୁଡି ପଡିଯିବା ବେଳେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଅସାଧୁ ମୁନାଫାଖୋରମାନେ ସାଧାରଣ ଜନତାଙ୍କ ପେଟକୁ କାଟି ନିଜର ପକେଟ୍ ଗରମ କରିବାରେ ବ୍ୟବସ୍ଥା ଅଛନ୍ତି, ଯଦି ପ୍ରଶାସନ ଏହି ବେଆଇନ ଲୁଣ୍ଠନ ଉପରେ ରୋକ୍ ନଲଗାଏ ଏବଂ ନିର୍ଦ୍ଦିଷ୍ଟ ସୁଲଭ ଦର ନିର୍ଦ୍ଧାରଣ ନକରେ, ତେବେ ଗରୀବ ଓ ମଧ୍ୟବିତ ଶ୍ରେଣୀର ଆକ୍ରୋଶ ଅତି ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ଏବଂ ଏହି ଅବ୍ୟବସ୍ଥାର ଚେରକୁ ହଲେଇ ଦେବ ।

ଜନ୍ମ ଜୟନ୍ତୀ ଉପଲକ୍ଷେ)

# ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ "ବିଶ୍ୱଭୂଷଣ ହରିଚନ୍ଦନ"

◆ ପ୍ରଦୀପ ସେନାପତି

ମୋର ରାଜନୈତିକ ଜୀବନରେ ଓଡ଼ିଶାର ଜନନାୟକ, ବର୍ଷିଆନ ରାଜନିତିଜ୍ଞ ଆମ ସମସ୍ତଙ୍କ ପ୍ରିୟ ଓ ଆପଣାର "ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମୁଁ ଅତି ପାଖରୁ ଦେଖିଛି । ଶୌର୍ଯ୍ୟ, ସାହାସ ଓ ଦେଶ ପ୍ରେମର ଅପ୍ରତିମ ମହାନାୟକ । ବିଶ୍ୱଭୂଷଣବାବୁଙ୍କ ୯୦ତମ ଜୟନ୍ତୀ ଦିବସରେ ଯେତେବେଳେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଓ ସେବା ସାଧନାର ଉତ୍ସର୍ଗୀକୃତ ଅଦମ୍ୟ ସାହାସର ସେହି ଅଟଳ ବୀରପୁରୁଷଙ୍କ କଥା ସ୍ମରଣ କରୁଛେ, ସେତେବେଳେ ଗୋଟିଏ ଅନନ୍ୟ ଉଦାହରଣ ଆମ ସ୍ମୃତି ପଟରେ ଭାସି ଉଠୁଛି । ତାହା ହେଲା, ଭାରତୀୟ ରାଜନୈତିକ ଦୃଶ୍ୟ ପଟ୍ଟରେ ଭାରତର 'ଲୌହମାନବ'- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବୋଲି ସମସ୍ତେ ଜାଣନ୍ତି । ଆଉଜଣେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟରେ ଦ୍ୱିତୀୟ "ଲୌହମାନବ" ଭାବରେ ସମସ୍ତଙ୍କ ଠାରେ ଚର୍ଚ୍ଚିତ ଓ ପରିଚିତ ବ୍ୟକ୍ତି, ସେ ହେଉଛନ୍ତି - ବର୍ତ୍ତମାନର ମହାମହିମ ଛତିଶଗଡ଼ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ । ଲବିଶ୍ୱଭୂଷଣ ହରିଚନ୍ଦନ କେବଳ ମାତ୍ର ରାଜ୍ୟ ସ୍ତରୀୟ ଜଣେ ପ୍ରଖ୍ୟାତ ରାଜନେତା ଅଟନ୍ତି ବୋଲି କହିବା ସେହି ଅସାଧାରଣ ଉତୁଙ୍ଗ ବ୍ୟକ୍ତିତ୍ୱଙ୍କର ଉପଯୁକ୍ତ ମୂଲ୍ୟାୟନ କଦାପି ନୁହେଁ, ସେ ଜଣେ ଏକାଧାରରେ ସାହାସୀ, ସ୍ୱାଧୀନତା ସଂଗ୍ରାମୀ, ନିଜ ଆଦର୍ଶ ଓ ମୂଲ୍ୟ ବୋଧର ଦ୍ୱିଧାହୀନ ଧାରକ, ଅବିଚଳ ଜାତୀୟତାବାଦୀ, ଦେଶପ୍ରେମୀ, ଓଡ଼ିଶାପ୍ରେମୀ, ଲୋକପ୍ରିୟ ଓ ସର୍ବୋପରି ନିଜ ପ୍ରିୟ ଓଡ଼ିଶାର ସୁଖ-ସମୃଦ୍ଧିର ସ୍ୱାଭିମାନି ଓଡ଼ିଆଙ୍କ ପାଇଁ ସ୍ୱପ୍ନ ସର୍ବଦା ତାଙ୍କ ଅନ୍ତରରେ ଭରି ରହିଛି । ୧୯୯୦ ରୁ ୧୯୯୫, ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନତାଦଳ ସରକାରରେ ଖାଦ୍ୟ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀଭାବରେ ସପଥ ନିଅନ୍ତି । ମୁଁ ରାଜ୍ୟ ସଚିବାଳୟକୁ ପ୍ରାୟ ସବୁଦିନ ଲୋକଙ୍କ ସମସ୍ୟା ନେଇ ବିଭିନ୍ନ ମନ୍ତ୍ରୀଙ୍କ ପାଖକୁ ଯାଇଛି । ତେବେ ସମସ୍ତ ମନ୍ତ୍ରୀମାନଙ୍କଠାରୁ ସେ ଜଣେ ଅନନ୍ୟ ନିଆରା ମନ୍ତ୍ରୀ ବୋଲି ମୁଁ ଅନୁଭବ କଲି । ମୁଁ ଥରେ ପଚାରିଲି, ସାର୍ ଆପଣ କେତେଖୁସୀ ? ସେ କହିଥିଲେ ଯେ, ଓଡ଼ିଶାର ସେବା କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଓଡ଼ିଶା ମୋ ଚିନ୍ତା ଓ ଚେତନାକୁ ଉ□ରିତ କରିଛି । ମୋତେ ବହୁତ କିଛି ଶିଖାଇଛି । ପୂର୍ବରୁ ମଧ୍ୟ ଅନେକ ଥର ମନ୍ତ୍ରୀ ହୋଇଛି, ଓଡ଼ିଶାବାସୀଙ୍କ ଅନାବିଳ ସ୍ନେହ,



ଶ୍ରଦ୍ଧା ଓ ତୁମମାନଙ୍କର ସମ୍ମାନକୁ କେବେ ବି ଭୁଲିପାରିବି ନାହିଁ । ଆମ ଓଡ଼ିଶା ମାଟିର ବିଶେଷ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ରହିଛି । ଓଡ଼ିଶା ଭୂଗୋଳ ନୁହେଁ, ଏକ ମହାଭାବ, ଯାହାର ଭିତି ଓ ଆଧାର ହେଉଛି ବିଶ୍ୱଜନପ୍ରୀତି । ତେବେ, ଦୁଃଖର କଥା -ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଦରିଦ୍ର କାହିଁକି, ଗରିବ କାହିଁକି, ପଛୁଆ କାହିଁକି ? ଏ ପ୍ରଶ୍ନର ଉ□ର ସମାଧାନ ବାଟରେ ହିଁ କରିବାକୁ ପଡ଼ିବ । ଆଗାମୀ ଦିନରେ ଓଡ଼ିଶା ସମଗ୍ର ପୃଥିବୀକୁ ମାର୍ଗଦର୍ଶକ କରାଇବ । ଏ ଆମ ମାଟି ଓ ଏହାର ପୁଣ୍ୟବନ୍ତ ମଣିଷଙ୍କୁ ମୋର କୋଟି ପ୍ରଣାମ ବୋଲି କହିଥିଲେ । ପ୍ରକୃତରେ, ମୋର ରାଜନୈତିକ ଜୀବନରେବିଶ୍ୱ ଭୂଷଣ ହରିଚନ୍ଦନଙ୍କଠାରୁ, ଅନେକ ଆଦର୍ଶଗତ ପ୍ରେରଣା ପାଇଅଛି । ତାଙ୍କ ସହିତ ସମ୍ପର୍କ ଓ ସମ୍ପୃକ୍ତିର ଅନୁଭବ ଓ ଉପଲବ୍ଧି ଆମକୁ ରାଜନୈତିକ ଜୀବନରେ ଆଗକୁ ବଢିବା ପାଇଁ ସାହସ, ଉତ୍ସାହିତ ଓ ଗୌରବାନ୍ୱୀତ କରିପାରିଛି । ଗୋଟିଏ ଜାତିର ସ୍ୱାଭିମାନର ସ୍ୱପ୍ନ । ସେହି ସ୍ୱପ୍ନକୁ ଯଦି ଆମେ ବ□ାଇ ରଖିପାରିବା ଏ ଜାତି ବହୁ ଆଗକୁ ଯାଇପାରିବ । ସେହିକଥା ମୁଁ ତାଙ୍କ ସହିତ ଯୁଆଡ଼େ ଯାଏ ସେ ମୋତେ ଏହି ଆଦର୍ଶ ଦିଅନ୍ତି । ବଡ଼ ବଡ଼ ମନୀଷୀମାନେ ସେହି କଥାକୁ ଆମକୁ ବାରମ୍ବାର ସ୍ମରଣ କରାଇ ଦେଇଛନ୍ତି । କିନ୍ତୁ ତାହା ହୋଇପାରୁ ନାହିଁ, ଏଇଥିପାଇଁ ଗୋଟାଏ ଜାତିର ଚିନ୍ତାଧାରା ଯେତେବେଳେ ତଳ ଆଡ଼କୁ ଗତି କରୁଛି ତାକୁ ଅଟକାଇ ପୁରୁଣା ରାସ୍ତାକୁ ଫେରାଇ ଆଣିବା ବଡ଼ କଷ୍ଟକର କଥା । ମନଟା ଛୋଟ ହୋଇଗଲେ ଜାତିଟା ଛୋଟ ହୋଇଯାଏ । ସେଥିପ୍ରତି ଆମ ସମସ୍ତଙ୍କୁ ଦୃଷ୍ଟିଦେବାକୁ ହେବ । ଏ ଜାତିର ମନରେ ସାହସ ଫେରି ଆସୁ, ଜଗନ୍ନାଥଙ୍କ ପାଖରେ ସେଥିପାଇଁ ଚିରକାଳ ପ୍ରାର୍ଥନା କରିଆସିଛି । ଏବେବି ମଧ୍ୟ ସେ କଥା କହୁଛି," ଏହା ହିଁ ଆମ ମାନଙ୍କୁ ଅନୁପ୍ରାଣୀତ କରିଛି । ବିଶିଷ୍ଟ ଜନପ୍ରିୟ, ଜନନାୟକ ମହାମହିମ ଛତିଶଗଡ଼ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ମୁଖରୁ ନିସୃତ ଅନ୍ତରର ଆବେଗ ଭରା ଅଭିବ୍ୟକ୍ତି । ମୁଁ ତାଙ୍କର ରାଜନୈତିକ କାର୍ଯ୍ୟକଳାପକୁ ହୃଦୟଙ୍ଗମ କରି ଅନୁସରଣ କରେ, ଅନୁକରଣ ମଧ୍ୟ କରେ । କ୍ଷମତା ପାଇଁ ସେ କେବେ କାହାକୁ ମିଛ ପ୍ରତିଶ୍ରୁତି ଦେଇନାହାନ୍ତି । କିଏ ତାଙ୍କୁ ଭୋଟ ଦେଉ କି ନଦେଉ, ସେ କ୍ଷମତାରେ ରୁହନ୍ତୁ ବା ନରୁହନ୍ତୁ, ସେଥିପାଇଁ ତାଙ୍କର ଖାତିର ନାହିଁ । ଶସ୍ତା କଥା କହି କିମ୍ବା ଶସ୍ତା ଯୋଜନା କରି ସେ କାହା ମନ କିଣିବାକୁ କେବେ ବି ଉଦ୍ୟମ କରିନାହାନ୍ତି । ବୋଧହୁଏ ସେଥିପାଇଁ ତାଙ୍କ ଭଳି ସ୍ୱାଭିମାନ ବ୍ୟକ୍ତି ବେଶୀଦିନ କ୍ଷମତାରେ ରହିପାରିଛନ୍ତି । ବିଶ୍ୱଭୂଷଣ ହରିଚନ୍ଦନଙ୍କ କୀର୍ତ୍ତି ଓ କଳ୍ପନା ତାଙ୍କର ରାଜନୈତିକ ଜୀବନରେ ତାଙ୍କୁ କିମ୍ବଦନ୍ତୀରେ ରୂପାନ୍ତରିତ କରିପାରିଛି । ଯେଉଁମାନେ ତାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କ ପାଇଁ ସେ ସର୍ବଦା ଏକ ଅବିସ୍ମରଣୀୟ ସ୍ମୃତି ହୋଇ ରହିବେ ଏବଂ ଯେଉଁମାନେ କେବଳ ତାଙ୍କ କଥା ଶୁଣିଛନ୍ତି, ସେମାନଙ୍କ ପାଇଁ ମଧ୍ୟ ସେ ଅପ୍ରତିମ ମହାନାୟକ ହୋଇ ରହିବେ । ତାଙ୍କର ରାଜନୈତିକ ବିରୋଧୀ ମାନେ ମଧ୍ୟ ତାଙ୍କ ମହନୀୟତାକୁ ପ୍ରଶଂସା କରି ତାଙ୍କୁ ସ୍ୱାଭିମାନର ପ୍ରତୀକ, ଲୌହମାନବ ବୋଲି କୁହନ୍ତି । ସେହି ଅତୁଳନୀୟ ପ୍ରଜ୍ଞାପୁରୁଷ, ପାଇକପୁଅ ବୀରତ୍ୱର ଅନମନୀୟ ମହାନାୟକ, ମହାମହିମଙ୍କ ସହ ଅତି ଘନିଷ୍ଠ ଭାବରେ ମିଶିବାର ସୌଭାଗ୍ୟ ମୋତେ ମିଳିଥିବାରୁ ମୋ ଜୀବନ କୃତାର୍ଥ ହୋଇଛି । ତାଙ୍କ ସ୍ନେହ, ସଦିଚ୍ଛା ଓ ପ୍ରେରଣା ସଂପର୍କରେ ନିକଟରେ ପ୍ରକାଶିତ ହେବାକୁ ଥିବା ମୋର ଏକ ପୁସ୍ତକରେ ଆନ୍ତରିକ ପ୍ରୟାସ କରିଛି । ଆଜି ତାଙ୍କର ପବିତ୍ର ଜନ୍ମଦିବସରେ ତାଙ୍କୁ ମୋର ହୃଦୟସ୍ପର୍ଶୀ ପ୍ରଣାମ ।

*ରାଜ୍ୟ ସଭାପତି, ବିଶ୍ୱଭୂଷଣ ହରିଚନ୍ଦନ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ,ତଥା ପୂର୍ବତନ ରାଜ୍ୟ ଛାତ୍ରନେତା ଦଳର ସାଧାରଣ ସମ୍ପାଦକ, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର, : ୭୮୪୮୮୯୮୪୫୬*

# ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ,ପାଇକ ବିଦ୍ରୋହର ସୂତ୍ରଧର ବିଶ୍ୱଭୂଷଣ ହରିଚନ୍ଦନ

୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଦଖଲ କଲେ । ଇଂରେଜମାନେ ତାଙ୍କର ପ୍ରତିଶ୍ରୁତି ମୁତାବକ ପୁରୀର ୪ଟି ପ୍ରଗଣାକୁ ଫେରାଇ ନ ହେବାରୁ ରାଜାଙ୍କ ମହାମନ୍ତ୍ରୀ ଜୟୀ ରାଜଗୁରୁ ରାଜକର୍ମଚାରୀ ମାନଙ୍କୁ ପଠାଇ ସେଠାରୁ ରାଜସ୍ୱ ଆଦାୟ କରିବା ଫଳରେ ଇଂରେଜମାନଙ୍କ ସହିତ ତାଙ୍କର ଯୁଦ୍ଧ ହେଲା । ଯୁଦ୍ଧରେ ପରାଜିତ ହେବାରୁ ରାଜା ଓ ଜୟୀ ରାଜଗୁରୁଙ୍କୁ ଇଂରେଜ ମାନେ ବନ୍ଦୀ କରି ମେଦିନାପୁର ଜେଲ୍‌ରେ ରଖିଲେ । ୧୮୦୬ ମସିହାରେ ଅତି ନିର୍ମମ ଓ ଅମାନୁଷିକ ଭାବରେ ରାଜଗୁରୁଙ୍କୁ ଫାଶି ଦିଆଗଲା । ଦେଶର ପ୍ରଥମ ସହିଦ ହୋଇଗଲେ ବିପ୍ଳବୀ ଜୟୀ ରାଜଗୁରୁ । ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଇତିହାସ ସମ୍ପର୍କରେ ବିଶ୍ୱଭୂଷଣ ହରିଚନ୍ଦନ କେନ୍ଦ୍ର ସରକାରଙ୍କୁ ଦେଇଥିବା କେତେକ ଉଲ୍ଲେଖନୀୟ ଅବଦାନ ଆଜି ଆମକୁ ଏହି ପରିଚୟ ପ୍ରଦାନ କରିଛି । ଓଡ଼ିଶାର ପଦାତିକ ସେନା ପାଇକମାନଙ୍କର ନିଷ୍କର ଜାଗିରୀ ଜମି ଉପରେ ଇଂରେଜ ସରକାର କର ବସାଇଲେ । ବହୁ ଦଳେଇ, ଦଳବେହେରାଙ୍କ ଜାଗିରୀ ଜମି ଓ ଛୋଟବଡ଼ ଅନେକ ଜମିଦାରୀ ମଧ୍ୟ ବିଭିନ୍ନ ଆଳ ଦେଖାଇ ବାଜ୍ୟାପ୍ତି ବା ନିଲାମ କରି ଦିଆଗଲା । ଏପରିକି ବକ୍ସି ଜଗବନ୍ଧୁ ମଧ୍ୟ ଏଥିରୁ ବାଦ୍ ପଡ଼ିଲେ ନାହିଁ । ରାଜାଙ୍କର ପ୍ରଧାନ ସେନାପତି ଭାବରେ ପୁରୁଷ ପୁରୁଷ ଧରି ଭୋଗ କରୁଥିବା ତାଙ୍କର ରୋଡ଼ଙ୍ଗ ଜମିଦାରିକୁ ଚଂଚକତା କରି ନିଲାମ କରି ଦେଲେ । ନିଜର ସମ୍ମାନ ଓ ପଦମର୍ଯ୍ୟାଦା ଦୃଷ୍ଟିରୁ ଇଂରେଜ ସରକାର ପାଖରେ ନିଜର ଜମିଦାରୀ ପାଇଁ କରୁଣାପ୍ରାର୍ଥୀ ହେବାକୁ ବକ୍ସି ଜଗବନ୍ଧୁ ମନା କରିଦେଲେ । ଲୋକଙ୍କ ଚାଷଜମି ଉପରେ ମନୋମୁଖୀ ଭାବରେ ରାଜସ୍ୱ ବୃଦ୍ଧି, ସମୁଦ୍ର ଓ ଚିଲିକାର ଲୁଣମରା ଉପରେ ସରକାରଙ୍କର ଏକଚାଟିଆ ଅଧିକାର ଜାହିର କରିବା ଓ କଉଡ଼ି ବଦଳରେ ଟଙ୍କା ପ୍ରଚଳନ ସହିତ ସରକାରୀ କର୍ମଚାରୀଙ୍କ ଅତ୍ୟାଚାର ଯୋଗୁ ରାଜ୍ୟର ଲୋକଙ୍କ ଭିତରେ ଗଭୀର କ୍ରୋଧ ଓ ଅସୋନ୍ତଷ ସୃଷ୍ଟି ହେଲ । ।ମାତୃଭୂମିର ପରାଧିନତାର, ଜନସାଧାରଣଙ୍କ ଲାଞ୍ଛନା ଓ ଇଂରେଜମାନଙ୍କର ଅତ୍ୟାଚାର ଦେଖି ବକ୍ସି ଜଗବନ୍ଧୁଙ୍କ ଭିତରେ ସୁପ୍ତ ସିଂହ ଗର୍ଜି ଉଠିଲା । ତାଙ୍କ ନେତୃତ୍ୱରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଓଡ଼ିଆ ଜାତି ବାହାରିପଡ଼ିଲେ ଓ ଆରମ୍ଭ ହୋଇଗଲା ଓଡ଼ିଶା ମାଟିର ରକ୍ତାକ୍ତ ଗଣସଂଗ୍ରାମ ଯାହାକୁ ଇଂରେଜମାନେ 'ପାଇକ ବିଦ୍ରୋହ'ର ଆଖ୍ୟା ଦେଇଛନ୍ତି । ଓଡ଼ିଶାର ସମସ୍ତ ଉପକୂଳ ଅ□ଳ ଓ ଅନେକ ଗଡ଼ଜାତରେ ଏ ବିପ୍ଳବର ନିଆଁ ଜଳିଉଠିଲା ଓ ଇଂରେଜ ଶାସନର ଅନ୍ତ କରି ନିଜ ରାଜ୍ୟକୁ ମୁକ୍ତ କରିବା ପାଇଁ ଜନସାଧାରଣ ଜାଗି ଉଠିଥିଲେ । ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କାହିଁକି କୁହାଯିବ ବୋଲି କେତେକ ବିଶ୍ୱଭୂଷଣଙ୍କୁ ପ୍ରଶ୍ନ କରିଥିଲେ ? ଶ୍ରୀ ହରିଚନ୍ଦନ ଏହାକୁ ଯୁକ୍ତିସଙ୍ଗତ ଭାବରେ ସରକାରଙ୍କ ପାଖରେ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେଉଁ ବିଦ୍ରୋହ ଓ ବିପ୍ଳବ ସାଧାରଣ ଜନତାଙ୍କ ଦ୍ୱାରା ଦେଶ କିମ୍ବା ରାଜ୍ୟର ମୁକ୍ତି ପାଇଁ ହୋଇଥାଏ ତାହାକୁ ମୁକ୍ତି ସଂଗ୍ରାମ ବା ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦିଆଯାଇଥାଏ । ଓଡ଼ିଶା ରାଜ୍ୟର ଏକ ବ୍ୟାପକ ଅଂଚଳରେ ୧୮୧୭ରୁ ୧୮୨୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି ଚାଲିଥିବା ପାଇକ ବିଦ୍ରୋହ ଭଳି ମୁକ୍ତି ସଂଗ୍ରାମ ହେଉଛି ସେହିଭଳି ଏକ ସଂଗ୍ରାମ । ଦେଶର ବିଭିନ୍ନ ପ୍ରାନ୍ତରେ ଆଉ ଯେଉଁ ବିଦ୍ରୋହ ସବୁ ହୋଇଛି, ସେଗୁଡ଼ିକ ସ୍ୱାଧୀନତା ସଂଗ୍ରାମର ପଦବାଚ୍ୟ ନୁହେଁ । ଏପିରକି ୧୮୫୭ ମସିହାରୁ ୧୮୫୯ ପର୍ଯ୍ୟନ୍ତ ଚାଲିଥିବା ସିପାହୀ ବିଦ୍ରୋହ ଯାହାକୁ ବର୍ତମାନ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦିଆଯାଇଛି ଓ ଯାହା ପାଇଁ ଆମେ ଗର୍ବ ଅନୁଭବ କରୁଛୁ ତାହା ପାଇକ ବିଦ୍ରୋହ ସହିତ ତୁଳନୀୟ ନୁହେଁ । କାରଣ ତାହା ମୁଖ୍ୟତଃ ସିପାହୀ ମାନଙ୍କ ବିଦ୍ରୋହ ଥିଲା ଓ ସାଧାରଣ ଜନତାର ସଂଗ୍ରାମ ନଥିଲା । ତେଣୁ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଇଂରେଜ ମାନଙ୍କ ବିରୁଦ୍ଧରେ ଓଡ଼ିଆ ଜାତିର ଏ ରକ୍ତାକ୍ତ ଗଣସଂଗ୍ରାମ ପାଇକ ବିଦ୍ରୋହ ହିଁ ଏ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ପାଇବା ପାଇଁ ହକଦାର ବୋଲି ଓଡ଼ିଆ ଜାତିକୁ ଜାତୀୟସ୍ତରରେ ପ୍ରତିପାଦନ କରିବା ବାସ୍ତବରେ ବିଶ୍ୱଭୂଷଣଙ୍କ ଅବଦାନ ପାଇଁ ଓଡ଼ିଆ ଜାତି ପ୍ରକୃତରେ ଗର୍ବ ଅନୁଭବ କରୁଅଛି । ଶେଷରେ ଓଡ଼ିଶାର ଏହି ପୂଣ୍ୟ ପୁରୁଷ, ବନ୍ଧୁବତ୍ସଳ, ପରୋପକାରୀ, ନିଷ୍କଳଙ୍କ, ସ୍ୱାଭିମାନୀ ରାଜନେତା, ସୁଦକ୍ଷ ମନ୍ତ୍ରୀ ତଥା ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟରେ ଲୌହମାନବ ଭାବରେ ସୁପରିଚିତ ମହାମହିମ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କର ଆଜିର ଏହି ପବିତ୍ର ଜୟନ୍ତୀ ଅବସରରେ ମୁଁ ତଥା ଓଡ଼ିଶାବସୀଙ୍କ ପକ୍ଷରୁ ଅନେକ ଅନେକ ଶ୍ରଦ୍ଧା, ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଅଛି ।

"ନବମାସ ଧୃତଂଗର୍ଭ ଭାସ୍କରସ୍ୟ ଗଭସ୍ତିଭି, ପିତ୍ୱାରସ ସମୁଦ୍ରାଣାଂ ଦୟୈ ପ୍ରସୁତ ରସାୟନମ୍' ନମାସ ଧରି ଆକାଶ ସମୁଦ୍ରର ଜଳକୁ ସୂର୍ଯ୍ୟ ରଶ୍ମି ଦ୍ୱାରା ଗ୍ରହଣ କରି ଏବେ ତରଳି ଶିଶୁକୁ ଜନ୍ମ ଦେଉଛି । ଯାହାକି ଜୀବନର ଅମୃତ ସଦୃଶ । ବର୍ଷାଋତୁର ବର୍ଣ୍ଣନା ଓ ଏହାର ସୌନ୍ଦର୍ଯ୍ୟ ଛଳ ଓ ଲାଳିତ୍ୟରେ କବି ବିଭୋର ହୋଇ ଅନେକ କାବ୍ୟ କବିତା ରଚନା କରିଛନ୍ତି ।କିନ୍ତୁ ଶିଶୁମାନଙ୍କ ପାଇଁ ଏହା ସ୍ୱାସ୍ଥ୍ୟପ୍ରଦ ଋତୁ ହୋଇନଥାଏ ।ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ, ଡାକ୍ତର ସ୍ୱାସ୍ଥ୍ୟ କର୍ମୀ ସମସ୍ତେ ଯେ କୌଣସି ଆକସ୍ମିକ ରୋଗ ସଂକ୍ରମଣକୁ ମୁକାବିଲା କରିବା ପାଇଁ ସଜାଗ ହୋଇରହିଥାନ୍ତି ।ରୋଗ ଔଷଧ ବିକ୍ରୀ ଓ ରୋଗ ସମ୍ବନ୍ଧୀୟ ସମସ୍ତ ବ୍ୟବସାୟର ଆଶାତୀତ ବୃଦ୍ଧି ଦେଖାଯାଏ ।ଏସବୁର କାରଣ ଅନ୍ୟାନ୍ୟ ଅପେକ୍ଷା ବର୍ଷା ଋତୁରେ ରୋଗ ଓ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଥାଏ । ଋତୁର ପରିବର୍ତ୍ତନ ହେତୁ ପରିବେଶରେ ନିମ୍ନଲିଖିତ ପରିବର୍ତ୍ତନ ଦେଖାଦିଏ ।

# ବର୍ଷାଋତୁରେ ରୋଗ ଓ ତାର ପ୍ରତିକାର

- ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତାପ ଅଧିକ ଥାଏ । ଏହାଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ । ଏହା ବାଷ୍ପୀଭୂତ ନହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଳୁଗୁଳି କୁହାଯାଏ । ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ ।
- ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ । ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ ।
- ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ । ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ ।





- ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି । ଓ ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ ।
- ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା । ଦୁର୍ବଳ ଗୃହ ଭୁଷୁଡ଼ି ପଡ଼ିବା, ଜଳରେ ସଲିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ ।


ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ । ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ । ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ । ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଂଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ରୋଗ ସଂକ୍ରମଣର ୧୬ଘଂଟା ପରେ ଦେହ ହାତ ବିନ୍ଧା ହୋଇଥାଏ । ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ । ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ । ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ । ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ ସି ର ବିଶେଷ ଭାବରେ ଉପକାରୀ । ଆଂଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ । *ପ୍ରତିଷେଧକ :* ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ । ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ । ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟ । ଇ ଫ ଏ ଡ . ୍ , ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ ।

**ପ୍ରତିକାର :** ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର । ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ । ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ ।





# ଧର୍ମୀୟ ଶ୍ରାବଣ ମାସର ମହତ୍ୱ

◆ ଦଶରଥ ହେମ୍ବ୍ରମ୍



ଭାରତୀୟସଂସ୍କୃତିର ପ୍ରାଚୀନ ଶାସ୍ତ୍ର ଅନୁସାରେ ବର୍ଷକରବାର ମାସମଧ୍ୟରୁଶ୍ରାବଣମାସହେଉଛି ଏକ ପବିତ୍ରବା ଧର୍ମୀୟମାସ । ଏହିମାସଭଗବାନ ଶିବଙ୍କର ଅତି ପ୍ରିୟହୋଇଥିବାରୁ ସୋମବାର ଦିନ ଶିବଭକ୍ତମାନେ ଦେବଦେବ ମହାଦେବଙ୍କ ଉପରେ ଜଳାଭିଷେକକରିବହୁ ପୁଣ୍ୟଲାଭକରିଥାନ୍ତିବୋଲିବିଶ୍ୱାସ ଅଛି । କାଉଡ଼ିଆ ଯାତ୍ରାଏହିମାସରେ ଅନୁଷ୍ଠିତହୁଏ ।କାଉଡ଼ିଆମାନେ ଖାଲି ପାଦରେ ଯାତ୍ରାକରିମହାଦେବ ଶିବଙ୍କଉପରେ ଜଳାଭିଷେକ କରିଥାନ୍ତି ।ଭଗବାନ ଶିବ ଏଥିରେବହୁତ ପ୍ରସନ୍ନହୁଅନ୍ତି ଏବଂସେମାନଙ୍କମନସ୍କାମନା ପୂରଣକରିଥାନ୍ତି । ରୁଦ୍ରାଭିଷେକ ଏବଂଜଳାଭିଷେକ ମଧ୍ୟ ଏହିମାସରେକରାଯିବାରବିଧି ରହିଛି । ବିଶ୍ୱାସକରାଯାଏ ଯେ, ଭଗବାନ ଶିବଙ୍କଗୁରୁମନ୍ତ୍ର ଜପ କରିବା ଦ୍ୱାରାସମସ୍ତ ଦୁଃଖ ନଷ୍ଟ ହୁଏ ।ତେଣୁଏହିମାସର ପ୍ରତ୍ୟେକ ସୋମବାରରମହତ୍ୱସ୍ୱତନ୍ତ୍ର । ଭଗବାନ ଶିବଙ୍କରଶ୍ରାବଣମାସସୋମବାର ଦିନ ଜନ୍ମ ।ତେଣୁ ପବିତ୍ରଏହିମାସଭଗବାନ ଶିବଙ୍କୁସମର୍ପିତ କରାଯାଇଛି ।ଶ୍ରାବଣ ନକ୍ଷତ୍ର ଓ ସୋମବାରଏହି ଦୁଇଟି ଦିନ ଭଗବାନ ଶିବଙ୍କସହ ନିବିଡ଼ସମ୍ପର୍କରହିଛିବୋଲିକେଉଁ ଆବାହମାନ କାଳରୁବିଶ୍ୱାସରହିଛି । ପୁରାଣଏବଂ ଧର୍ମୀୟଶାସ୍ତ୍ର ଅନୁସାରେ, ସୃଷ୍ଟିରକ୍ଷା ଉଦ୍ଦେଶ୍ୟରେ ହଳାହଳବିଷକୁବିଶ୍ୱରମଙ୍ଗଳକର୍ତା ଦେବଦେବ ମହାଦେବ ପାନ କରିବାଦ୍ୱାରାବିଷଜ୍ୱାଳାରେତାଙ୍କର କଣ୍ଠ ନୀଳବର୍ଣ୍ଣହୋଇ ଯାଇଥିବାରୁସେ 'ନୀଳକଣ୍ଠ' ନାମରେବିଦିତ । ଯେତେବେଳେହଳାହଳ ବିଷର ପ୍ରଭାବରେମଙ୍ଗଳମୟମହାଦେବଙ୍କ ଶରୀର ଉତପ୍ତ ହୋଇଗଲା, ସେତେବେଳେମାତା ଦୁର୍ଗା, ଗଙ୍ଗାସ୍ୱରୂପ ଧାରଣକରିମହାଦେବଙ୍କ ଉପରେଶୀତଳଜଳଧାରାରୂପରେ ପ୍ରବାହିତହେଲେ । ଏହାଶ୍ରାବଣମାସରେହୋଇଥିଲାବୋଲି ପୁରାଣରେଉଲ୍ଲେଖ ଅଛି ।ଏଣୁଏହି ପରମ୍ପରା ଅନୁସାରେକାଉଡ଼ିଆ ମାନେ ବିଭିନ୍ନଜଳଉତ୍ସରୁଗଙ୍ଗାଜଳନେଇ ନୀଳକଣ୍ଠମହାଦେବଙ୍କ ଉପରେଚଢ଼ାଇଥାନ୍ତି । ତେଣୁଏହିମାସରେକାଉଡ଼ିଆ ପରମ୍ପରାସେବେଠାରୁ ରହିଆସିଛି । ଭକ୍ତମାନେ ଭଗବାନ ଶିବଙ୍କୁସନ୍ତୁଷ୍ଟ କରିବା ପାଇଁଶ୍ରାବଣମାସରେବ୍ରତ ରଖନ୍ତି ଓ କାଉଡ଼ିଆ ଯାତ୍ରା ଆରମ୍ଭ ହୋଇଥାଏ । ଶ୍ରାବଣମାସରେଏହି ଯାତ୍ରାଶହଶହବର୍ଷ ଧରି ଚାଲିଆସୁଛିବୋଲି ଭାରତୀୟସଂସ୍କୃତିରବିଭିନ୍ନ ଧର୍ମୀୟଶାସ୍ତ୍ରରୁଜଣାଯାଏ ।ତେବେଏହି ଯାତ୍ରାକିଏଏବଂକାହାଦ୍ୱାରା ଆରମ୍ଭ ହୋଇଥିଲା ସେନେଇବିଭିନ୍ନ ପୁରାଣରେ ଭିନ୍ନଭିନ୍ନବର୍ଣ୍ଣନା କରାଯାଇଛି ।ସର୍ବପ୍ରଥମ କାଉଡ଼ିଆଭାବେମର୍ଯ୍ୟାଦା ମହାପୁରୁଷଭଗବାନ ଶ୍ରୀରାମଙ୍କୁକୁହାଯାଏ ।ସେସୁଲତା ନଦୀରୁଜଳ ଉଠାଇବାବାଧାମରେ ଥିବାଶିବଲିଙ୍ଗରେ ଜଳାଭିଷେକକରିଥିଲେ । ସେହିପରିଭଗବାନ ଶିବଙ୍କ ପରମଭକ୍ତ ପର୍ଶୁରାମସର୍ବପ୍ରଥମେଏହି ଯାତ୍ରା ଆରମ୍ଭ କରିଥିଲେ ବୋଲିକେତେକମୁନିଋଷିମାନେ ମତ ଦେଇଥାନ୍ତି ।ଶ୍ରବଣକୁମାରଙ୍କ ଦୃଷ୍ଟିହୀନ ମାତାପିତାଙ୍କଗଙ୍ଗାସ୍ନାନ କରିବାରଇଚ୍ଛା ପୂରଣକରିବା ପାଇଁଭାରରେ ବୋହିନେଇ ସେହରିଦ୍ୱାରରେ ନିଜରମାତାପିତାଙ୍କୁ ଗଙ୍ଗାସ୍ନାନ କରାଇଥିଲେ । ତେଣୁଶ୍ରବଣକୁମାର ହିଁଏହିକାଉଡ଼ିଆ ପରମ୍ପରା ଆରମ୍ଭ କରିଥିଲେବୋଲି ମଧ୍ୟ କିଛିସାଧୁସନ୍ଥ ମାନେ ମତବ୍ୟକ୍ତକରନ୍ତି । ଅନ୍ୟ କିମ୍ବଦନ୍ତୀ ଅନୁସାରେ, ବାନରରାଜକେଶରୀ, ଏକ ମାୟାବୀ ରାକ୍ଷସରମାୟାକୁବୁଝି ନପାରି ଯୁଦ୍ଧରେକ୍ଷତାକ୍ତ ହୋଇମୃତ୍ୟୁମୁଖରେ ପଡ଼ିଥିଲେ ।ମହର୍ଷିମାତଙ୍ଗଙ୍କ ପରାମର୍ଶକ୍ରମେ ପ୍ରଥମେ ନାରୀଭାବେ ଅନା, କାଉଡ଼ିଆଭାରନେଇଶିବଙ୍କ ମସ୍ତକରେଜଳଲାଗିକରି ନିଜସ୍ୱାମୀଙ୍କ ପ୍ରାଣରକ୍ଷାକରି ପାରିଥିଲେ । କିନ୍ତୁସେତେବେଳରକାଉଡ଼ିଆ 'ବୋଲ୍‌ବମ୍' ପ୍ରଥା ବର୍ତମାନ ସମୟରକାଉଡ଼ିଆ 'ବୋଲ୍‌ବମ୍' ଠାରୁସଂପୂର୍ଣ୍ଣ ଅଲଗା, ଯାହା ପୁରାଣକିମ୍ବା ଧର୍ମୀୟଶାସ୍ତ୍ରରେ ଉଲ୍ଲେଖରହିଛି ।ପୌରାଣିକ ତଥ୍ୟ ଅନୁଯାୟୀ, ଦେବୀ ପାର୍ବତୀଶ୍ରାବଣ ମାସରସୋମବାର ଦିନ ଭଗବାନ ଶିବଙ୍କୁସ୍ୱାମୀରୂପେ ପାଇବା ପାଇଁଉପବାସ/ବ୍ରତରଖିକଠୋର ତପସ୍ୟାକରିଥିଲେ । ଦେବୀ ପାର୍ବତୀଙ୍କତପସ୍ୟାରେସନ୍ତୁଷ୍ଟହୋଇ ଦେବଦେବ ମହାଦେବ ଭଗବାନ ଶିବ ଦେବୀ ପାର୍ବତୀଙ୍କୁ ଅର୍ଦ୍ଧାଙ୍ଗିନୀଭାବରେ ଗ୍ରହଣକରିଥିଲେ । ତେଣୁଏହିକାରଣରୁ ମଧ୍ୟ ଭଗବାନ ଶିବଙ୍କ ପାଇଁଏହିମାସ ଅତ୍ୟନ୍ତ ପ୍ରିୟମାସହୋଇଥାଏ ।କୁହାଯାଏ ଯେ, ସୋମବାରଶ୍ରାବଣଉପବାସ ପାଳନ କରୁଥିବାମହିଳାଙ୍କସ୍ୱାମୀ ଦୀର୍ଘଜୀବନ ପାଆନ୍ତି । ଅବିବାହିତଝିଅମାନେ ମଧ୍ୟ ଏହିମାସରେ ବ୍ରତରଖିଲେ ସେମାନେ ସେମାନଙ୍କ ପ୍ରିୟଜୀବନ ସାଥୀ ପାଆନ୍ତିବୋଲିବିଶ୍ୱାସରହିଛି । ଅନ୍ୟପକ୍ଷରେ, ଭଗବାନ ଶିବଙ୍କୁ ପୂଜାକରିବା ଦ୍ୱାରାଉତମସ୍ୱାସ୍ଥ୍ୟ ଏବଂରୋଗ ବ୍ୟାଧିରୁ ମୁକ୍ତିମିଳିଥାଏ । ପୁରାଣଶାସ୍ତ୍ର କହେ, ଶ୍ରାବଣମାସରେରୁଦ୍ରାଭିଷେକକରିବା ଅତ୍ୟନ୍ତ ଶୁଭ ଫଳଦାୟୀ ହୋଇଥାଏ । ଏହିମାସରେ ଜଳଲାଗି ଉତ୍ସବକୁରୁଦ୍ରାଭିଷେକ କୁହାଯାଏ । ଭଗବାନ ଶିବଏହିମାସରେରୁଦ୍ର ରୂପ ଧାରଣକରିଥିବାରୁ ତାଙ୍କୁସନ୍ତୁଷ୍ଟ କରାଇବାରବିଧି ହେଉଛିରୁଦ୍ରାଭିଷେକ । ତେଣୁଏହିମାସାରେ ଶିବଙ୍କ ମସ୍ତକରେ ଜଳଲାଗିକଲେ ବାରୁଦ୍ରାଭିଷେକକଲେଜୀବରସମସ୍ତ ଦୁଃଖଲାଘବ ଓ ଦୁଷ୍ଟଶକ୍ତିକବଳରୁରକ୍ଷାମିଳିବାସହସମୃଦ୍ଧି ତଥା ମନୋବାଞ୍ଛିତ ଫଳ ମିଳିଥାଏ ।ତ୍ରେତୟା ଯୁଗରେ, ଅଯୋଧ୍ୟାରରାଜା ଦଶରଥ ଏହି ପବିତ୍ରମାସରେ ଶନିଶ୍ଚରଙ୍କୁ ପୂଜାକରିଶନିଙ୍କକୋପ ଦୃଷ୍ଟିରୁରକ୍ଷା ପାଇଥିଲେ । ସେଥିପାଇଁ ଧର୍ମୀୟଶ୍ରାବଣମାସରେ ଶନିଶ୍ଚର ପୂଜାର ଫଳ ଲାଭଦାୟକ ଓ ଜୀବଜଗତର ମଙ୍ଗଳକାରୀ ହୋଇଥାଏ । ତେବେରୁଦ୍ରାଭିଷେକର ଅନେକମହିମାରହିଥିବାବେଳେ ଅନେକ ପ୍ରକାରବିଧି ମଧ୍ୟ ରହିଛି ।ଏକମୁଖୀଠାରୁ ଆରମ୍ଭ କରିଏକାଦଶମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷକୁ ପାଣିରେଭିଜାଇମହୁ, କ୍ଷୀର, ବସାଦହି, ଶର୍କରା, ଘୃତ, ବେଲପତ୍ର, ପୁଷ୍ପାଦିରେବିଧିବଦ୍ଧ ପୂଜାର୍ଚ୍ଚନା, ପଂଚାମୃତଶୁଦ୍ଧି ଓ ସ୍ନାନ ଇତ୍ୟାଦି କରାଯାଏ । ଧର୍ମୀୟଶ୍ରାବଣମାସରେ କାଉଡ଼ିଆମାନେ ମହାଦେବଙ୍କୁ ପ୍ରସନ୍ନକରିବା ପାଇଁଖାଲି ପାଦରେ ଚାଲିଚାଲିଜଳ ଅର୍ପଣକରି ଥାଆନ୍ତି ।କାଉଡ଼ିଆମାନେ ଯାତ୍ରାସମୟରେ 'ବମ୍‌ବମ୍‌ଭୋଲେବମ୍', 'ଭୋଲେବାବା ପାରକରେଗା' ଓ 'କୈଳାସପତି ପାରକରେଗା' ଆଦି ନାରାଉଚ୍ଚାରଣ କରିଥାନ୍ତି । ମାନ୍ୟତା ଅନୁଯାୟୀଏପରିକହିବା ଦ୍ୱାରା ଯାତ୍ରା କରିବାସମୟରେ କାଉଡ଼ିଆମାନେ କଷ୍ଟ ଅନୁଭବକରି ନଥାନ୍ତି । ସେମାନଙ୍କ ଯାତ୍ରା ମଙ୍ଗଳମୟ ହୋଇଥାଏ । 'ବୋଲ୍‌ବମ୍‌ଭୋଲେ' ଶବ୍ଦରେବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଓଁମକାରର ପ୍ରତୀକରହିଛି ବୋଲି କୁହାଯାଏ ।ଏହା ଏକ ସିଦ୍ଧ ମନ୍ତ୍ର ।ଏହାକୁଗାନ କରିବା ଦ୍ୱାରାକାଉଡ଼ିଆଙ୍କ ନିକଟରେ ଏକ ଶକ୍ତି ଆସିଥାଏ ।ପୌରାଣିକ ତଥ୍ୟ ଅନୁଯାୟୀ, ଯେଉଁସମୟରେ ପ୍ରଭୁହନୁ ମାନଙ୍କୁ ଶକ୍ତିର ଆବଶ୍ୟକତାହୋଇଥାଏ, ସେହିସମୟରେସେ 'ରାମରାମ' ନାମ ଜପ କରନ୍ତି, ଯାହାଦ୍ୱାରାସେ ଅମାପ ଶକ୍ତିର ଅଧିକାରୀ ହୋଇଥା'ନ୍ତି । ସେହିପରିକାଉଡ଼ିଆମାନେ ଥକି ପଡ଼ିଲେବା ଥକ୍କା ନଲାଗିବା ପାଇଁ 'ବମ୍‌ବମ୍‌ଭୋଲେବମ୍', 'ଭୋଲେବାବା ପାରକରେଗା' ଓ 'କୈଳାସପତି ପାରକରେଗା' ଆଦି କହିଥାଆନ୍ତି । ଏହି ଧର୍ମୀୟ ଯାତ୍ରାଶ୍ରାବଣ ପୂର୍ଣ୍ଣିମାରେରକ୍ଷାବନ୍ଧନ ପର୍ବ ପାଳନ କରିସମ୍ପନ୍ନ ହୁଏ ।

*ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ -୯୩୩୭୪୦୪୨୫୪*

# ପବିତ୍ର ଶ୍ରାବଣ

◆ ରାମଚନ୍ଦ୍ର ବେହେରା

ଆଷାଢ ଅନ୍ତେ ପୂଣ୍ୟ ଶ୍ରାବଣ
ଆସିଛି ଧରା ଧାମେ
ମୂଷଳ ଧାରା ବରଷି ଦେଇ
ହସୁଛି ମନେ ମନେ
ଗିରି କେଦାର ବନ
ହସି ଉଠିଛି ତରୁ ଓ ଲତା
ପାଇ ତା' ଜଳଦାନ ।
ନିଶି ପରଶେ ଭେକ ଗାଉଛି
କେଉଁ କଟର ଗୀତ
ବନ ପ୍ରଦେଶେ ଅତି ଉଲ୍ଲାସେ
କରୁଛି କେକୀ ନୃତ୍ୟ
ଶୁଭେ ଅଶନି ସ୍ୱନ
ଭୀତି ଜାଗିଛି ସର୍ବ ପରାଣେ
ଶୁଣି ତା' ଗରଜନ ।
ନଈ ପୋଖରୀ ଭରିଛି ଜଳେ
ମହୀ ହେଲା ଶୀତଳ
ପାଦପ ଦେହେ ପଲ୍ଲବ ଶୋହେ
ଦିଶେ ଶୋଭା ଅତୁଳ
ଚାଷୀ ହରଷ ମନେ
ଗହୀର କ୍ଷେତେ ଧାନ ରୋପୁଛି
ପାଗକୁ ରଖି ଧ୍ୟାନେ ।
ଆକାଶ ବକ୍ଷେ ମେଘର ମାଳା
ଭାସୁଛି ମେଳି ମେଳି
ମେଘ ଉହାଡେ ରବି ଚନ୍ଦ୍ରମା
ଖେଳୁଛି ଲୁଚକାଳି
ପକ୍ଷୀ ହରଷ ମନେ
ଗ୍ରୀଷ୍ମକୁ ଭୁଲି ଗୀତ ଗାଉଛି
ବରଷା ଆଗମନେ ।
ଚାତକ ପିଇ ଶୀତଳ ଜଳ
ଭୁଲିଛି ତୃଷା ଦୁଃଖ
ଇନ୍ଦ୍ରଧନୁର ସପତ ରଂଗ
ମୋହୁଛି ନଭ ବକ୍ଷ
ହସୁଛି ମାଆ ଧରା
ସବୁରି ହିତେ ଶ୍ରାବଣ ରାଣୀ
ବାଂଟୁଛି ପୂଣ୍ୟ ଧାରା ।
ପବିତ୍ର ଜଳ କାନ୍ଧରେ ଥୋଇ
ଯିବେ ଶ୍ରଦ୍ଧାଳୁ ଜନେ
ଭୋଳାନାଥଂକୁ ଜଳ ସମର୍ପି
ମାଗିବେ କୃପା ମନେ
ଶ୍ରାବଣ ଧର୍ମ ମାସ
ଆମ ସଂସ୍କୃତି ପରମ୍ପରାକୁ
ପାଳିବା ସର୍ବେ ଆସ ।

*ତେନ୍ତୁଳିପଦା,ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ମହେଶ୍ୱରଙ୍କ ମହିମା ଏବଂ ପବିତ୍ର ଶ୍ରାବଣ ମାସ

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ଆମ ହିନ୍ଦୁ ଧର୍ମର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ବ୍ରହ୍ମା ,ବିଷ୍ଣୁ ଓ ମହେଶ୍ୱର । ଏହି ତ୍ରିଦେବଙ୍କ ମଧ୍ୟରୁ ବ୍ରହ୍ମାଙ୍କୁ ସୃଷ୍ଟି କର୍ତା ଓ ବିଷ୍ଣୁଙ୍କୁ ପାଳନ କର୍ତା (ସ୍ଥିତି) ରୂପେ ପୁରାଣାଦିରେ ବର୍ଣ୍ଣନା କରାଯାଇଥିବା ବେଳେ ମହେଶ୍ୱରଙ୍କୁ ସଂହାର କର୍ତାର ଅଧିକାରୀ ବୋଲି କୁହାଯାଇଛି । ଏ ସଂହାର ପଦଟି ସମ୍ ଉପସର୍ଗ ଓ ହାର ମୂଳ ଶବ୍ଦକୁ ନେଇ ଗଠିତ । ଯାହାର ଅର୍ଥ ଠିକ୍ ଭାବରେ, ପୂର୍ଣ୍ଣ ଭାବରେ ବା ଏକତ୍ର ଭାବରେ ହରଣ କିମ୍ବା ନଷ୍ଟ କରିବା । ଏହି କାର୍ଯ୍ୟକୁ ଯିଏ ସୁଚାରୁ ରୂପେ ସମ୍ପାଦନ କରନ୍ତି ଏବଂ ଯିଏ ମହାନ ତଥା ଈଶ୍ୱର ଅଟନ୍ତି ସେ ହେଉଛନ୍ତି ମହେଶ୍ୱର । ତେଣୁ ଏହି ଦେବଙ୍କୁ ଶାସ୍ତ୍ରରେ 'ମହାଷ୍ଠାସାବୀଶ୍ୱରଷ୍ଟ କର୍ତୁମକର୍ତୁମନ୍ୟଥାକର୍ତୁଂ ବା ସମର୍ଥଃ' କୁହାଯାଇଛି । ଏହା ସହ ସେ ଅକାଳମୃତ୍ୟୁର ହରଣର କର୍ତା ଯୋଗୁଁ ମୃତ୍ୟୁଞ୍ଜୟ, ସଦା ସର୍ବଦା ଧ୍ୟାନସ୍ଥ ହେତୁ ମହାଯୋଗୀ, ସଦାଶମ୍ଭୁ କୁହାଯାଏ । କେବଳ ସେ ମହାଯୋଗୀ ନୁହଁନ୍ତି ଅପିତୁ ସେ ହେଉଛନ୍ତି ସକଳ ଶାସ୍ତ୍ରର ବେତା ଏଂ ଜ୍ଞାନ ପ୍ରଦାୟକ । ତେଣୁ ଏହି ଈଶଙ୍କୁ ଆଦିଗୁରୁ ବୋଲି ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି । ସେହିପରି ସେ ଦେବ ଦେବ ମହାଦେବ ଓ କାଳଙ୍କର କାଳ ଯୋଗୁଁ ତା'ଙ୍କୁ ମହାକାଳ ମଧ୍ୟ କୁହାଯାଏ । ମହାପ୍ରଭୁଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ତୁରିତ ବର ପ୍ରଦାନ କରିଥାନ୍ତି । ଏଣୁ ଦେବଙ୍କୁ ଆଶୁତୋଷ ଏବଂ ପ୍ରଥମ ଦ୍ୱେତା ହେତୁ ଆଦିଦେବ କୁହାଯାଏ । ଏହି ଭଗବାନ ଦେବ, ଦାନବ, ମାନବ, ଭୂତ, ପ୍ରେତ ଓ ପିଶାଚ ଜାତିର କେବଳ ନାଥ ନୁହଁନ୍ତି ; ସେ ହେଉଛନ୍ତି ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ନାଥ । ଅତଃ ଏହାଙ୍କୁ ପଶୁପତିନାଥ ବୋଲି କୁହାଯାଏ । ଏ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ ଅପଶକ୍ତି, ଅନ୍ୟାୟ ଓ ଅନୀତି ଆଦିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରିବା ସହ ସଂସାରକୁ ସୁଖ ,ଶାନ୍ତି ତଥା ମଙ୍ଗଳ ପ୍ରଦାନ କରିଥାନ୍ତି । ତେଣୁ ମହେଶ୍ୱରଙ୍କୁ ସତ୍ୟ - ଶିବ - ସୁନ୍ଦର ମଧ୍ୟ କୁହାଯାଏ । ଏହି ମହେଶଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ଶ୍ରାବଣ ମାସ । ଯାହାକୁ ସେ ସ୍ୱୟଂ କହିଛନ୍ତି:- ଦ୍ୱାଦଶସ୍ୱପି ମାସେଷୁ ଶ୍ରାବଣୋ ମେ 'ତିବଲ୍ଲଭଃ, ଶ୍ରବଣାହଁ ଜନ୍ମାହାତ୍ମ୍ୟଂ ତେନାସୌ ଶ୍ରବଣ ମତଃ ।। ଅର୍ଥାତ୍ ବାର ମାସ ମଧ୍ୟରେ ଶ୍ରାବଣ ମାସ ମୋର ସବୁଠାରୁ ପ୍ରିୟ ଅଟେ । ଏହି ମାସର ଶ୍ରବଣ ଯୋଗ୍ୟ ମହିମା ଏବଂ ଶ୍ରବଣା ନକ୍ଷତ୍ର ସହିତ ଏହାର ସମ୍ବନ୍ଧ ଯୋଗୁଁ ଏହାକୁ 'ଶ୍ରାବଣ' କୁହାଯାଏ । ଉକ୍ତ ମାସରେ ଭଗବାନ ଶିବଙ୍କ ଯେଉଁ ଅନନ୍ୟ ସ୍ୱରୂପ ରହିଛି, ଯାହାଙ୍କୁ ଶିବଲିଙ୍ଗ ରୂପେ ପୂଜିତ କରାଯାଏ । ଯାହାର ପାଂଚ ଗୋଟି ମୁଖ ରହିଛି ଯଥା:- ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଏବଂ ଈଶାନ । ଏଣୁ ଏହାଙ୍କୁ ପଂଚାନନ ଅଭିହିତ କରାଯାଇଛି । ଯାହା ମହାଦେବଙ୍କ ପାର୍ଥିବ ସ୍ୱରୂପ ଅଟେ । ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ, ଶ୍ରବଣା ନକ୍ଷତ୍ର ନାମରେ ଶ୍ରାବଣ ମାସ ନାମିତ ହୋଇଛି । ଏହି ପବିତ୍ର ମାସର ଧାର୍ମିକ ଓ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ବିଧିବିଧାନ ସହକାରେ ପୂଜା କଲେ ଆଶୁତୋଷ ସମସ୍ତ ମନସ୍କାମନା ପୂର୍ଣ୍ଣ କରିଥାଆନ୍ତି । ପୁରାଣରେ ବର୍ଣ୍ଣିତ ରହିଛି ଯେ, ମାତା ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ । ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ମାସରେ ମାତା ପାର୍ବତୀ ଓ ଭଗବାନ ଶିବ ଭୂଲୋକକୁ ଭ୍ରମଣ କରିବାକୁ ଆସିଥାନ୍ତି । ଏଣୁ ଶ୍ରାବଣ ମାସର କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରାବଣ ମାହାତ୍ମ୍ୟ ପଠନ କରାଯାଇଥାଏ । ଏ ମାସର ପ୍ରତ୍ୟେକ ସୋମବାର ଦିନ ମହାଦେବଙ୍କୁ ଜଳ ଅର୍ପଣ କଲେ, ସେ ସନ୍ତୁଷ୍ଟ ହୁଅନ୍ତି । କାରଣ ସମସ୍ତ ଉପଚାରମାନଙ୍କ



ମଧ୍ୟରେ ଶିବଙ୍କ ଅତୀବ ପ୍ରିୟ ଜଳ । ଏଣୁ ଶାସ୍ତ୍ରରେ କୁହାଯାଇଛି ଯେ ' ଶିବ ଜଳଧାରା ପ୍ରିୟଃ' । ସେ'ପରି ପୁରାଣରେ ବର୍ଣ୍ଣନା ରହିଛି ଯେ , ଯେତେବେଳେ ଦେବତା ଓ ଦାନବମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଯାଇଥିଲା ; ସେତେବେଳେ ପ୍ରଥମେ ହଳା ହଳ ନାମକ ଏକ ଭୟଙ୍କର ଗରଳ ଓ ଅମୃତ ଦ୍ୱୟ ଶ୍ରାବଣ ମାସ ଅମାବାସ୍ୟା ଦିନ ଉତ୍ପନ୍ନ ହୋଇଥିଲା । ସେହି ବିଷ ପ୍ରଭାବରେ ସମଗ୍ର ସଂସାରର ପ୍ରାଣୀମାନେ ଅଚେତନ ହୋଇଗଲେ । ଏହି ଘୋର ବିପଦରୁ ଉଦ୍ଧାର କରିବା ପାଇଁ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ । ସେହି ପ୍ରାର୍ଥନା ସ୍ୱରୂପ ଅନୁରୋଧକୁ ରକ୍ଷାକରି , ମହାଦେବ ଉକ୍ତ ବିଷକୁ ପାନ କରିଦେଇଥିଲେ । ଯାହା ଫଳରେ ଶିବଙ୍କ କଣ୍ଠଦେଶ ନୀଳବର୍ଣ୍ଣ ହୋଇଯାଇଥିଲା । ସେହି ବିଷଜ୍ୱାଳାକୁ ଲାଘବ କରିବା ଉଦ୍ଦେଶ୍ୟରେ ଦେବଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳିଥିଲେ । ସେ'ପରି ଶିବଙ୍କ ପରମ ଭକ୍ତ ଲଙ୍କାପତି ରାବଣ ନୀଳକଣ୍ଠଙ୍କ ଗରଳ ଜ୍ୱାଳକୁ ପ୍ରଶମିତ କରିବା ପାଇଁ , ହିମାଳୟରୁ ପବିତ୍ର ଗଙ୍ଗା ଜଳ ଆଣି ଭୋଳାନାଥଙ୍କୁ ଅର୍ପଣ କରିଥିଲେ । ଅତଃ ଏହି ପବିତ୍ର ମାସରେ ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କାଉଡ଼ି ଯାତ୍ରାର ପରମ୍ପରା ରହିଆସିଛି । ଭଗବାନ ପର୍ଶୁରାମ ପ୍ରଥମେ କାଉଡ଼ି ଯାତ୍ରା ଆରମ୍ଭ କରିଥିଲେ ବୋଲି ଦେଖିବାକୁ ମିଳେ । ସେ ଉତର ପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ । ବହୁ ପୁରାତନ କାଳରୁ ଶିବ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କୁ ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି । କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୋଇ ନଥା'ନ୍ତି ଜଳାଭିଷେକ ଦ୍ୱାରା ତାଠାରୁ ବେଶି ପ୍ରସନ୍ନ ହୋଇଥାନ୍ତି । ସେଥିପାଇଁ ଆଜି ମଧ୍ୟ ଶ୍ରାବଣ ମାସରେ ଭାରତ ଓ ନେପାଳର ଲକ୍ଷ ଲକ୍ଷ ଭକ୍ତ ଜଳଧାରା ଧରି ଯାତ୍ରା କରି ଆସୁଛନ୍ତି । ରାସ୍ତାରେ ଚାଲିବା ବେଳେ ପଥ ଲାଘବ ପାଇଁ କାଉଡ଼ିଆମାନେ ବୋଲ ବମ - ବୋଲ ବମ କହିଥାନ୍ତି । ବୋଲ ବମ ଯାତ୍ରାରେ ଭାଗନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କୁହାଯାଏ । ଏହି କାଉଡ଼ିଆ ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ କାନ୍ଧରେ କଳସୀ ଭାର ଧରି ନିଷ୍ଠାର ସହିତ ସଂପୂର୍ଣ୍ଣ ପଥ ଖୋଲା ପାଦରେ ଅତିକ୍ରମ କରିଥାନ୍ତି । କେହି କେହି ଗୋମୁଖ ଓ ଗଙ୍ଗୋତ୍ରୀରୁ ଗଙ୍ଗା ଜଳ ଆଣିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାବନ ଶିବ ମନ୍ଦିର ନିକଟସ୍ଥ ପବିତ୍ର ନଦୀ ପାଖରୁ ଜଳ ଆଣିଥାନ୍ତି । ଆମ ଓଡିଶାର ଅଧିକାଂଶ ଭକ୍ତ କଟକ ସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢ଼ାଳିଥାନ୍ତି । ସେ'ପରି ଗଞ୍ଜାମ ଜିଲ୍ଲା ପବିତ୍ରା ଋଷିକୂଲ୍ୟା ନଦୀରୁ ଜଳ ନେଇ ଅନେକ ଶିବାଳୟକୁ ଯାଇଥାନ୍ତି । ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଆଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଶ୍ରାବଣ ମାସରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ଭକ୍ତି ସହକାରେ ପୂଜାକଲେ, ପୂଜାର ଫଳ ହଜାର ଗୁଣ ମିଳିବା ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ହୋଇଥାଏ ।

*ବରିଷ୍ଠ ଦର୍ଶନ ଅଧ୍ୟାପକ ,ଆସିକା, ଗଞ୍ଜାମ ମୋ- ୯୮୬୧୩୩୪୮୬*

# ଶିବଙ୍କ ଆରାଧନାରେ ଶ୍ରାବଣ ମାସ

◆ କାଳି ଦାସ




ଆଧ୍ୟାତ୍ମିକ ସାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ସମୟ ହେଲା ଚତୁର୍ମାସ୍ୟା । ମାସ ଗୁଡିକ ହେଲା ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତିକ । ଏହି ଚାରି ମାସ କୁ ନେଇ ଚତୁର୍ମାସ୍ୟା ହୋଇଥାଏ ।ସାଧାରଣ ଗୃହସ୍ତ ମାନେ ଏହି ଚତୁର୍ମାସ୍ୟା ରେ ପୁନ୍ୟ ଅର୍ଜନ କରିବା ପାଇଁ ସାତ୍ୱିକ ଜୀବନ ଯାପନ କରିଥାନ୍ତି । ଶ୍ରାବଣ ମାସ ହେଉଛି ଚତୁର୍ମାସ୍ୟା ର ପ୍ରଥମ ମାସ ।ଏହି ସମୟ ରେ ଆଧ୍ୟାତ୍ମିକ ସାଧନା ରେ ନିୟୋଜିତ ସାଧକ ମାନେ ବା ଆଧ୍ୟାତ୍ମିକ ଗୁରୁ ମାନେ ହିମାଳୟ କୁ ଛାଡି ଜନ ବସତି କୁ ଆସିଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ମଣିଷ କୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ର ଆଲୋକ ଦେବ । ଶ୍ରାବଣ ମାସ ରେ ଭାରତ ରେ ମୌସୁମୀ ବର୍ଷା ର ପ୍ରଭାବ ଦେଖିବା କୁ ମିଳିଥାଏ । ପଶୁ, ପକ୍ଷୀ, ଗଛ ବୃକ୍ଷ ଜୀବ ଜନ୍ତୁ ମୌସୁମୀ ର ସ୍ପର୍ଶ ପାଇ ଉଲ୍ଲାସିତ ହୋଇଥାନ୍ତି । ଲୋକମାନେ ଶ୍ରାବଣ ମାସ କୁ ସାତ୍ୱିକ ମାସ ଭାବ ରେ ମାନିଥାନ୍ତି ।ଶ୍ରୀମଦ ଭଗବତ ଗୀତା ରେ ତିନି ପ୍ରକାର ର ଆହାର ର ଉଲ୍ଲେଖ କରା ଯାଇଛି ।ସେହି ଗୁଡିକ ହେଲେ ସାତ୍ୱିକ ଆହାର,ରାଜସିକ ଆହାର ଓ ତାମସିକ ଆହାର । ସାତ୍ୱିକ ଆହାର ଖାଇବା ଦ୍ୱାରା ମଣିଷ କିଛି କାଂଶ ରେ ନିଜ ମନ କୁ ସଞ୍ଜମ କରିପାରିବ ବୋଲି ବିଶ୍ୱାସ ରହିଛି । ହିନ୍ଦୁ ମାନ୍ୟତା ଅନୁସାରେ ଆଧ୍ୟାତ୍ମିକ ସାଧନା ର ଅର୍ଥ ହେଲା ନିଜ ମନ ଓ ଇନ୍ଦ୍ରିୟ କୁ ସଞ୍ଜମ କରିବା । ସେଥିପାଇଁ ଆମର ସମସ୍ତ ପୂଜା ପର୍ବାଣି ରେ କିପରି ମନ କୁ ସଞ୍ଜମ କରାଯାଇପାରିବ ତାର ଉଲ୍ଲେଖ ରହିଛି । ଶ୍ରାବଣ ମାସ କୁ ଶିବଙ୍କ ମାସ ବୋଲି ମଧ୍ୟ କୁହାଯାଏ ।ଏହି ମାସ ରେ ଲୋକମାନେ ମୁଖ୍ୟତଃ ଶିବଙ୍କ ର ଆରାଧନା କରିଥାନ୍ତି ।ହିନ୍ଦୁ ମାନ୍ୟତା ଅନୁସାରେ ଯକ୍ଷ ନନ୍ଦିନୀ ସତୀ ଶ୍ରାବଣ ମାସ ରେ ଶିବଙ୍କର ସାନ୍ନିଧ୍ୟ ପାଇଥିଲେ ।ପୁରାଣ ରେ ଉଲ୍ଲେଖ ରହିଛି ଯେ ଏହି ମାସ ରେ ଦେବତା ଓ ରାକ୍ଷାସ ମାନେ ଅମୃତ ପାଇବା ପାଇଁ ଖିର ସମୁଦ୍ର କୁ ମନ୍ଥନ କରିଥିଲେ ଏବଂ ଖିର ସମୁଦ୍ର ରୁ ହଳାହଳ ବିଷ ବାହାରିଥିଲା ।ହଳାହଳ ବିଷ ର ଜ୍ୱାଳା ରେ ସମଗ୍ର ବ୍ରହ୍ମାଣ୍ଡ ଜଳିବା କୁ ଲାଗିଥିଲା ।ହଳାହାଳ ବିଷ କୁ କଣ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବା ବେଳେ ଭଗବାନ ଶିବ ସ୍ୱୟଂ ସେହି ବିଷ ପାନ କରିଥିଲେ ।ଶିବଙ୍କ ପତ୍ନୀ ଉମା ହଳାହଳ ବିଷ ଯେପରି ଭଗବାନ ଶିବ ଙ୍କ ଉଦର କୁ ନ ପହଂଚୁ ସେଥିପାଇଁ ଶିବଙ୍କର କଣ୍ଠ ରେ ହାତ ରଖିଦେଲେ ।ହଳାହଳ ବିଷ ଭଗବାନ ଶିବଙ୍କ କଣ୍ଠ ରେ ରହିଗଲା ଏବଂ ବିଷ ର ଜ୍ୱାଳା ରେ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା । ସେହି ଦିନ ଠାରୁ ଭଗବାନ ଶିବଙ୍କୁ ନୀଳକଣ୍ଠ ବୋଲି କୁହାଗଲା । ବିଷ ର ଜ୍ୱାଳା ରୁ ଶିବଙ୍କୁ ମୁକ୍ତ କରିବା ପାଇଁ ଜଳାଅଭିଷେକ କରାଯାଇଥାଏ । ବିଭିର୍ନ୍ନ ପ୍ରକାର ଫୁଲ ଯଥା ଧୁଦୁରା, ଚମ୍ପା ଓ ଅରଖ ଦିଆ ଯାଇ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ । ଶ୍ରାବଣ ମାସ ରେ କାଉଡିବାଲା ମାନେ ବିଭିର୍ନ୍ନ ନଦୀ ର ପାଣି ଆଣି ମାଇଲ ମାଇଲ ରାସ୍ତା ଚାଲି ଶିବଙ୍କୁ ଜଳାଭିଷେକ କରିଥାନ୍ତି ।ଶିବଙ୍କ ଆରାଧନା ପାଇଁ କାଉଡିଆ ମାନେ ରାସ୍ତା ରେ ଯିବା ବେଳେ କେତେକ ସ୍ଥାନ ରେ ଦୁର୍ଘଟଣା ର ଶିକାର ମଧ୍ୟ ହୁଅନ୍ତି । ଶ୍ରାବଣ ସୋମବାର ଦିନ ମୁଖ୍ୟତଃ ଏହି ଜଳାଭିଷେକ କରାଯାଇ ଥାଏ ।କାଉଡି ବାଲା ମାନେ କାନ୍ଧ ରେ କାଉଡି ଧରି ଶିବ ଭକ୍ତି ରେ ଲୀନ ହୋଇଥାନ୍ତି । ଶ୍ରାବଣ ର ବର୍ଷା ଧାରା ସେମାନଙ୍କ ଭକ୍ତି ରେ ବାଧା ସୃଷ୍ଟି କରିପାରେନାହିଁ । ଅନେକ ସ୍ଥାନ ରେ ଗଙ୍ଗା ରୁ ପାଣି ଆଣି ଲୋକ ମାନେ ରୁଦ୍ର ଅଭିଷେକ କରିଥାନ୍ତି । ଏହି ପରମ୍ପରା ରାମେଶ୍ୱରମ ରେ ମଧ୍ୟ ରହିଛି ।ଭକ୍ତ ମାନେ ବନାରସ ରୁ ଗଙ୍ଗା ଜଳ ନେଇ ରାମେଶ୍ୱରମ କୁ ଯାଇ ଚଢାଇ ଥାନ୍ତି ।ଶ୍ରାବଣ ମାସ ରେ ଯେଉଁ ଭକ୍ତ ଭକ୍ତି ଓ ଶ୍ରଦ୍ଧା ରେ ଶିବଙ୍କ ପୂଜାଅର୍ଚ୍ଚନା କରେ ସେହି ଭକ୍ତଙ୍କ ମନକାମନା ଶିବ ପୂରଣ କରିଥାନ୍ତି ।ଶିବ ମନ୍ଦିର ରେ ଭକ୍ତଙ୍କ ଭିଡ ମଧ୍ୟ ଜମିଥାଏ । ୨୦୨୩ ର ଶ୍ରାବଣ ମାସ ନିଆରା କାରଣ ଏହି ବର୍ଷ ଯୋଡା ଶ୍ରାବଣ ପଡିଛି ତେଣୁ ଅନେକ କାଉଡିଆ ମଳ ମାସ ରେ କାଉଡି ଧରି ଶିବଙ୍କ ପାଖକୁ ଯାଉନାହାନ୍ତି ।ସେମାନେ ପ୍ରତୀକ୍ଷା କରିଛନ୍ତି ମଳ ମାସ ର ଶେଷ ପାଇଁ ।ମଳ ମାସ ସାରିବା ପରେ ସେମାନେ ପୁଣି କାଉଡି ଧରି ଶିବଙ୍କ ଅଭିଷେକ ପାଇଁ ପୁଣିଥରେ ବାହାରିବେ ।କାଉଡିବାଲା ଶିବଙ୍କ ଭକ୍ତି ପାଇଁ ସବୁ କଷ୍ଟ ଉଠାଇବା ପାଇଁ ପ୍ରସ୍ତୁତ ।ଏହା କୁ ଆମେ କହିପାରିବା ଭକ୍ତି ର ଶକ୍ତି ।

*ବ୍ରହ୍ମପୁର,ଖୋଡ଼ାସିଙ୍ଗ କଳିଙ୍ଗନଗର ,ଫୋନ ନମ୍ବର -୭୨୦୫୧୦୦୮୩୯ ?*

# ଅନିରୁଦ୍ଧ ବିକ୍ରମ ସିଂ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ



ପାରାଦୀପ(ନିପ୍ର): ଅନିରୁଦ୍ଧ ବିକ୍ରମ ସିଂ ଇଫକୋ ପାରାଦୀପ ୟୁନିଟର ନୂତନ ମୁଖ୍ୟ ଭାବରେ ଅଗଷ୍ଟ ୧ ତାରିଖ ଶନିବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଇଫକୋ ପାରାଦୀପ ୟୁନିଟ୍ ର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ, ଶ୍ରୀ ସିଂହ ଇଫକୋ କାଣ୍ଡଲା ୟୁନିଟ୍ ର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ଜଣେ ମେକାନିକାଲ୍ ଇଞ୍ଜିନିୟର ଭାବେ, ଶ୍ରୀ ସିଂହ ଇଫକୋ ରେ ଜଣେ ସ୍ନାତକ ଇଞ୍ଜିନିୟର ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ପ୍ରାୟ ତିନି ଦଶନ୍ଧି ଧରି ଏହି ସଂଗଠନ ସହିତ ଜଡିତ ଅଛନ୍ତି । ବର୍ଷ ବର୍ଷ ଧରି, ସେ ପ୍ରକଳ୍ପ କାର୍ଯ୍ୟ ଉନ୍ନୟନ, ପ୍ଲାଣ୍ଟ ପରିଚାଳନା ଏବଂ ଜଟିଳ ସାର ଉତ୍ପାଦନ ସୁବିଧାର ରକ୍ଷଣାବେକ୍ଷଣରେ ବ୍ୟାପକ ଦକ୍ଷତା ହାସଲ କରିଛନ୍ତି । ବରିଷ୍ଠ ମହାପ୍ରବନ୍ଧକ ଭାବରେ, ଶ୍ରୀ ସିଂହ ଇଫକୋ ପାରାଦୀପରେ ଜଟିଳ ସାର ଉତ୍ପାଦନ ୟୁନିଟର ନେତୃତ୍ୱ ନେବେ । ତାଙ୍କର ବିପୁଳ ଅଭିଜ୍ଞତା ଏବଂ ପ୍ରମାଣିତ ନେତୃତ୍ୱ ଭାରତର ସର୍ବବୃହତ ସମନ୍ୱିତ ଫସଫେଟିକ୍ ସାର କମ୍ପ୍ଲେକ୍ସ ମଧ୍ୟରୁ ଗୋଟିଏରେ କାର୍ଯ୍ୟକ୍ଷମ ଉତ୍କର୍ଷତା, ଉଦ୍ଭିଦ ନିର୍ଭରଯୋଗ୍ୟତା, ସୁରକ୍ଷା, ଉତ୍ପାଦକତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ସୂଚନାଥାଉକି, ଭାରତୀୟ କୃଷକ ସାର ସମବାୟ ସମିତି (ଇଫକୋ) ପାରାଦୀପ ୟୁନିଟ୍ ହେଉଛି ଏକ ସମନ୍ୱିତ ସାର କାରଖାନା ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧.୯୨ ନିୟୁତ ମେଟ୍ରିକ୍ ଟନ୍ ଡିଏପି/ଏନପି/ଏନପିକେ ଗ୍ରେଡ୍ ସାର କ୍ଷ ଏହି ୟୁନିଟ୍ ରେ ବିଶ୍ୱର ସର୍ବବୃହତ ସିଙ୍ଗଲ୍-ଷ୍ଟ୍ରିମ୍ ଫସଫୋରିକ ଏସିଡ୍ ପ୍ଲାଂଟ ଏବଂ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟ ମଧ୍ୟ ରହିଛି ।

# 'ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ' ପୁସ୍ତକ ଲୋକାର୍ପଣ

ନୟାଗଡ଼(ନିପ୍ର): ନୟାଗଡ଼ ସହରର କେ. ସି କ୍ଲବ୍ ଠାରେ ଜିଲ୍ଲାର ସାରସ୍ୱତ ପ୍ରତିଭା ମାନଙ୍କୁ ନେଇ 'ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ' ପୁସ୍ତକ ଲୋକାର୍ପଣ ହୋଇଯାଇଅଛି । ଉକ୍ତ ଉତ୍ସବରେ ପ୍ରମୋଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୟାଗଡ଼ର ମାନ୍ୟବର ବିଧାୟକ ତଥା ସାହିତ୍ୟିକ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହି ଉକ୍ତ ପୁସ୍ତକଟି ପରବର୍ତ୍ତୀ ପିଢି ପାଇଁ ମାର୍ଗଦର୍ଶିକା ପୁସ୍ତକ ଭାବରେ ସହାୟକ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡିଶାର ଯଶସ୍ୱୀ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର ଯୋଗଦାନ କରି ନୟାଗଡ଼ର ଐତିହ୍ୟ ଓ ଦିବଂଗତ ସାହିତ୍ୟିକ ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ନାଟ୍ୟ ଭୂଷଣ ଡ. ବିଜୟ କୁମାର ଚୌଧୁରୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡିଆ ସାହିତ୍ୟରେ ଶୁଦ୍ଧ ଶବ୍ଦର ବ୍ୟବହାର ବିଷୟରେ ଆଲୋଚନା କରିଥିବା ବେଳେ ସାରସ୍ୱତ ସାଧକ ପୁସ୍ତକର ପ୍ରକାଶନ ସମ୍ପର୍କରେ ପକ୍ଷୀଘର ପ୍ରକାଶକ ଶ୍ରୀଯୁକ୍ତ ବନୋଜ ତ୍ରିପାଠୀ ବହିର ସଂକଳକ ମାନଙ୍କ ଉଦ୍ୟମକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ । ଉକ୍ତ ପୁସ୍ତକର ସମୀକ୍ଷକ ଭାବରେ ଓଡିଶାର ବିଶିଷ୍ଟ କବି ତଥା ଅଧ୍ୟାପକ ରବି ଶତପଥୀ ସମ୍ପ୍ରତି ପୁସ୍ତକର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ସାରସ୍ୱତ ମହକର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାରସ୍ୱତ ମହକର ସଂକଳକ ତଥା ସମ୍ପାଦକ ଲଳିତ ମୋହନ ମିଶ୍ର ପୁସ୍ତକଟି ପ୍ରକାଶ କରିବା ପଛରେ ବର୍ଷ ବର୍ଷର ଉଦ୍ୟମ ଓ ସାରସ୍ୱତ ସାଧକ ମାନଙ୍କ ସହଯୋଗକୁ ସ୍ୱାଗତ କରିଥିଲେ । ପରେ ପରେ ହାଡିବନ୍ଧୁ ମହାଖୁଡ, ବସିରନ୍ ବିବି, ସୁଦର୍ଶନ ପ୍ରଧାନ ପାଠକୀୟ ଅଭିମତ ରଖିଥିଲେ । ଏହି ଉତ୍ସବରେ ମଧ୍ୟ ଗୋଦାବରୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହିତ ତାଙ୍କର ମାନସ ସନ୍ତାନ ପାଦ ପ୍ରଦୀପକୁ ଉନ୍ମୋଚନ କରିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବି ସାହିତ୍ୟିକ ଗୋପୀନାଥ ସେଠୀ । ଉକ୍ତ ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ସାରସ୍ୱତ ସାଧକ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ ।

# ଟାଟା ପାୱାର ଓ ଟାଟା ଷ୍ଟିଲର ମିଳିତ ଉଦ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



କଳିଙ୍ଗନଗର(ନିପ୍ର): ପରିବେଶ ସୁରକ୍ଷା ଓ ସାମାଜିକ ବିକାଶ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି ଟାଟା ପାୱାର ଓ ଟାଟା ଷ୍ଟିଲ୍ର ମିଳିତ ଉଦ୍ୟମ ଇଣ୍ଡଷ୍ଟ୍ରିଆଲ୍ ଏନର୍ଜି ଲିମିଟେଡ୍ ପକ୍ଷରୁ 'ପ୍ରକୃତି ପାଇଁ ସମାଜ' ବନମହୋତ୍ସବ ଅବସରରେ ନଉଗାଁ, ଖରାଡ଼ି ଓ ଟେଲେବାହାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଇଏଲ୍ କଳିଙ୍ଗନଗରର ମୁଖ୍ୟ ସମଦ ବସିର ମୁଲ୍ଲାଙ୍କ ନେତୃତ୍ୱରେ ମଙ୍ଗଳପୁର ଗ୍ରାମ ପଂଚାୟତର ସରପଂଚ ବାବୁଲି ନାଟିଆ, ସିଏସଆର୍ ଟିମ୍, ବିଭାଗୀୟ ମୁଖ୍ୟମାନେ, କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ବହୁ ସଂଖ୍ୟକ ଚାରା ରୋପଣ କରିଥିଲେ । ଉପସ୍ଥିତ ଅତିଥିମାନେ ପରିବେଶ ସୁରକ୍ଷାରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ପରିବେଶ ସଚେତନତାର ଦୂତ ଭାବେ ଗଢ଼ିଉଠିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ ଜୈବ ବିବିଧତାର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ପ୍ରତି ସଚେତନତା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟିର ଏକ ସଫଳ ପ୍ରୟାସ ହୋଇଥିଲା । ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ଥାନୀୟ ଲୋକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପରିବେଶ ପ୍ରତି ସେମାନଙ୍କର ସାମୂହିକ ଦାୟିତ୍ୱବୋଧକୁ ପ୍ରତିଫଳିତ କରିଥିଲା ।

# ବ୍ୟାପକ କ୍ଷୟକ୍ଷତି ଓ ଦୁର୍ଦ୍ଦଶାରେ ବନ୍ୟା ବିପନ୍ନ, ବନ୍ୟାରେ ଧୋଇଗଲା କଂକ୍ରିଟ ରାସ୍ତା



ଧାମନଗର(ନିପ୍ର): ଚଳିତ ପ୍ରଳୟଙ୍କରୀ ବନ୍ୟାର ପାଂଚ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ଏବେବି ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ବିଶେଷକରି ଧାମନଗର ବ୍ଲକ ଅନ୍ତର୍ଗତ ରଇପୁର ଗ୍ରାମ ପଂଚାୟତର ବାଙ୍କସାହି ଏବଂ ଆରନସାହି ର ଲୋକମାନେ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ବନ୍ୟା ଜଳ କମିଥିଲେ ହେଁ ତଳିଆ ଅଂଚଳରେ ଲୋକମାନେ ନାନାଦି ହଇରାଣ ହେଉଛନ୍ତି । ଚାଷ ଜମିରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଶୁଖି ନଥିବାରୁ ରୁଆ ଧାନ ଓ ଧାନ ତଳି ପଚି ନଷ୍ଟ ହୋଇଗଲାଣି, ଯାହାକି ଚାଷୀକୁଳକୁ ଗଭୀର ଚିନ୍ତାରେ ପକାଇଛି । ଏହି ବନ୍ୟାରେ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନେକ ସ୍ଥାନରେ ରାସ୍ତାରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ସବୁଠାରୁ ବଡକଥା ହେଲା ରାସ୍ତା ର ସୁରକ୍ଷା ଦୃଷ୍ଟି ରୁ କଂକ୍ରିଟ ରାସ୍ତା ନିର୍ମାଣ କରା ଯାଉଥିବା ବେଳେ ତାହା ଏତେ ନିମ୍ନ ମାନର କାର୍ଯ୍ୟ ହେଉଚି ଯେ ତାହା ବନ୍ୟାଜଳ ରେ ଭାସି ଯାଉଛି । ଏପରି ଘଟଣା ଧାମନଗର ବ୍ଲକ କରଦା ପଂଚାୟତ ରେ ଦେଖିବାକୁ ମିଳିଛି । କରଦା- ସୁଜାଣସିଂହପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ର ଭାଟିଆ ପୋଲ ନିକଟ ରାସ୍ତାରେ ପ୍ରାୟ ୪୦ ଫୁଟ ରେ କଂକ୍ରିଟ ରାସ୍ତା ନଷ୍ଟ ହୋଇ ଥିବାର ଦେଖିବାକୁ ମିଳିଛି । ବନ୍ୟା ଜଳ ରେ ନିର୍ମାଣ ହୋଇ ଥିବା କଂକ୍ରିଟ ଭାସି ଯାଇଛି ।କିଛି ମାସ ପୂର୍ବେ ଉକ୍ତ ରାସ୍ତା ମରାମତି କରାଯାଇ ଥିବାବେଳେ ଏବେ ବନ୍ୟାରେ ଉକ୍ତ ରାସ୍ତା ଭାସି ଯିବାରୁ ଲୋକମାନେ ଯାତାୟାତ ରେ ଲୋକ ମାନେ ହଇରାଣ ହେଉଛନ୍ତି ।

# ଜମି ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ




ଲଙ୍ଗଳେଶ୍ୱର(ନିପ୍ର): ନିଜ ପୈତୃକ ଜମିରେ ଧାନ ତଳି ରୁଆ କାର୍ଯ୍ୟ କରୁଥିବା ବେଳେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ ସହ ଧାନ ତଳି ରୁଆକୁ ଉପାଡି ଫିଙ୍ଗିଲେ ଦୁର୍ବୃତ୍ତ । ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିବା ସହ ଆକ୍ରମଣ କରିବା ସହ ଧାନ ରୁଆ କୁ ଉପାଡି ଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କଲେ ପିଡିତ ଯୁବକ । ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ବାଲିକୁଟୀ ଗ୍ରାମର ବଟକୃଷ୍ଣ ସାହୁ, ଉତମ ସାହୁ ଓ ଲକ୍ଷ୍ମୀ ପ୍ରିୟା ସାହୁ ନିଜ ପୈତୃକ ଜମିରେ ଧାନ ତଳି ରୋଇବା କାମ କରୁଥିବା ସମୟରେ ଗ୍ରାମର ଶିବ ପ୍ରସାଦ ଦଳେଇ, ତାଙ୍କ ସ୍ତ୍ରୀ ଫଗୁଡି ଦଳେଇ, ମଂଟୁ ଦଳେଇ ଏବଂ ଅନ୍ୟ କିଛି ମହିଳା ସେଠାରେ ପହଂଚି ଥିଲେ । ସେମାନେ ଧାନ ବିଲରେ ଲଗାଯାଇଥିବା ରୁଆକୁ ପ୍ରଥମେ ଉପାଡ଼ି ଫିଙ୍ଗି ଦେବାସହ ନିଜ ଗୋଡରେ ମାଡ଼ି ମକଚି ରୁଆ ହୋଇଥିବା ସମସ୍ତ ଧାନ ତଳି କୁ ଘାଂଟି ଦେବା ସହ, ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ, ଜୀବନରୁ ମାରିଦେବା ଧମକାଇ ପିଟାମରା ଆରମ୍ଭ କରିଥିଲେ । ତେବେ ଏପରି ମାଡ ଗାଳି ଶୁଣି ଗ୍ରାମରୁ କିଛି ଗ୍ରାମବାସୀ ଘଟଣା ସ୍ଥଳକୁ ଯିବାର ଦେଖି, ଆକ୍ରମଣ କାରୀ ମାନେ ଘଟଣା ସ୍ଥଳରୁ ଛୁ ମାରିଥିଲେ । ତେବେ ଗଲାବେଳେ ମିଛ ଏସି ଏସଟି କେସ୍ କରି ଜୀବନ ସାରା ଜେଲ୍ ପଠାଇବା ଧମକ୍ ଦେଇଥିବାର ଲିଖିତ ଅଭିଯୋଗ ହୋଇଛି । ତେବେ ଗତବର୍ଷ ଏହି ଜମି ବିବାଦ ହୋଇଥିବା ବେଳେ ମାନ୍ୟବର ହାଇକୋର୍ଟଙ୍କ ସ୍ଥିତାବସ୍ଥା ପରେ , ଚଳିତ ବର୍ଷ ଜମି ମାଲିକ ବଟକୃଷ୍ଣ ସାହୁ ଜମିରେ ଚାଷକାର୍ଯ୍ୟ କରିଥିବା ବେଳେ, ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି । ତେବେ ମାମଲା ନ୍ୟାୟାଳୟରେ ବିଚାର ଧିନ ଥିବା ତଥା ସ୍ଥିତା ବସ୍ଥା ରହିଥିବା ବେଳେ,ଅପର ପକ୍ଷରୁ ଏମିତି ଦବଙ୍ଗଗିରି କରିବାକୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ, ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତା

ବାରିପଦା(ନିପ୍ର): ମୟୁରଭଞ୍ଜ ର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ଦ୍ୱାରା ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟମହୋତ୍ସବ ଅବସରରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ରେ ଜିଲ୍ଲା ସ୍ତରୀୟ ମହାବିଦ୍ୟାଳୟ ସ୍ତରରେ ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତା ଜୁଲାଇ ୩୧ ତାରିଖ ଦିନ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା କୁ ଅନୁଷ୍ଠାନିକ ଭାବେ ମହାବିଦ୍ୟାଳୟ ରା ଅଧକ୍ଷା ଡ଼ଃ ସାଗରିକା ସିଂ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଯୋଗିତା ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଜାତୀୟ ନାଟ୍ୟମହୋତ୍ସବ ର ଆବାହକ ତଥା ସାଧାରଣ ସମ୍ପାଦକ, ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ । କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ମଂଚ ପରିଚାଳନା କରିଥିବା ବେଳେ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ ସର୍ବଶ୍ରୀ ଜୟନ୍ତ ସେନାପତି, ସୁଶ୍ରୀ ଅନୁବାଳା ମହାନ୍ତି, ବର୍ଣ୍ଣରୁପା ମହାନ୍ତି, ମୂର୍ଚ୍ଛନା ମହାନ୍ତି, ପ୍ରୟାଶ ଶତପଥି ଓ ପ୍ରଦୀପ କୁମାର ସରଘରିଆ । ବିଭିନ୍ନ ମହାବିଦ୍ୟାଳୟ ରୁ ଛାତ୍ରଛାତ୍ରୀ ମାନେ ସେମାଙ୍କର ଉତ୍କର୍ଷତା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କଳାପ୍ରେମୀ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ନାଟ୍ୟମହୋତ୍ସବ ର ଅନ୍ତିମ ରଜନୀ ରେ ବିଜେତା ମାନଙ୍କ ନାମ ଘୋଷଣା ସହ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ମହୋତ୍ସବ ଅବସରରେ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ସାଙ୍ଗକୁ ହାଇସ୍କୁଲ ସ୍ତରୀୟ ଏକକ ଅଭିନୟ, ମୁକ ଅଭିନୟ, ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମିଡ଼ିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି ।

# ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ପାରାଦୀପ(ନିପ୍ର): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବୃଦ୍ଧି ପାଉଥିବା ପ୍ରଦୂଷଣ କୁ ଦୃଷ୍ଟିରେ ରଖି ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଭାବେ ଚନ୍ଦନ, ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ମୂଲ୍ୟବାନ ଗଛ ଲଗା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ଶଶାଙ୍କ ଆଚାର୍ଯ୍ୟ, ଆଲୋକ ମହାପାତ୍ର, ତାପସ ମହାନ୍ତି, ଗୌତମ ନାୟକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, କୁଳମଣି ସାହୁ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବାଇପାସ୍‌ରେ ଚେକିଂ କଡ଼ାକଡ଼ି ପାଇଁ ଜନସାଧାରଣଙ୍କ ଦାବି

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ସହରର ଟ୍ରାଫିକ ସମସ୍ୟାକୁ ଦୂର କରିବାକୁ ଜାତୀୟ ରାଜପଥ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମିତ ବାଇପାସ୍ ମାସେ ହେବ କାର୍ଯ୍ୟକ୍ଷମ ହୋଇଛି । ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସରଠାରୁ ଏହି ବାଇପାସ୍ ଆରମ୍ଭ ହୋଇ ମାଙ୍କପଲ୍ଲୀଠାରେ ଶେଷ ହେଉ । ୨୧ କିଲୋମିଟର ଲମ୍ବ ବାଇପାସ୍ ଉପରେ ଏବେ ଭାରିଯାନ ସହ ପଶ୍ଚିମ ଓଡ଼ିଶାରୁ ରାଜ୍ୟ ରାଜଧାନୀକୁ ଯାଉଥିବା ଚାରି ଚକିଆ ଯାନ ଗୁଡ଼ିକ ଚଳାଚଳ କରୁଛି । ଭୁବନେଶ୍ୱରରୁ ଦଶପଲ୍ଲା ଯାଉଥିବା ଲୋକେ ମଧ୍ୟ ସହର ମଧ୍ୟରେ ନଯାଇ ବାଇପାସ୍ ଦେଇ ଯାତାୟତ କରୁଛନ୍ତି । ଦିନବେଳା ବାଇପାସ୍ ରାସ୍ତାରେ କୌଣସି ଅସୁବିଧା ହେଉନଥିବା ବେଳେ ରାତିରେ ବାଇପାସ୍ ରାସ୍ତା ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହି ରାସ୍ତାରେ ନିଶାଡ଼ି, ବ୍ରାଉନସୁଗାର ବେପାରୀ, ଚୋର, ଡକାୟତଙ୍କ ପାର୍ଦୁଭାବ ବଢ଼ି ଚାଲିଛି । ଏହା ବ୍ୟତିତ ଅନେକ ପ୍ରେମୀ ଯୁଗଳ, ଦେହ ବ୍ୟବସାୟୀଙ୍କ କାରବାର ମଧ୍ୟ ଚାଲୁଛି । ପ୍ରେମୀ ଯୁଗଳମାନେ ନିଜ କାରରେ ବୁଲିବା ବାହାନାରେ ବାଇପାସ୍‌କୁ ସୁରକ୍ଷିତ ଭାବି ଦେଇଥିବା ବେଳେ ଅନେକ ଦେହ ବ୍ୟବସାୟୀ ଉକ୍ତ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ସେବା ଯୋଗାଉଛନ୍ତି । ରାସ୍ତାରେ ଚୋରୀ, ଡାକାୟତୀ ପ୍ରବଳ ମାତ୍ରରେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ରାସ୍ତାରେ ବାଇକ ଯୋଗେ ଯାଉଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଉଛି । ଜାତୀୟ ରାଜପଥ ବିଭାଗ ରାସ୍ତା ଉପରେ ଲଗାଇଥିବା ନାଲି ଆଲୋକ ପାଇଁ ଆବଶ୍ୟକ ସୋଲାର ପ୍ଲେଟ୍, ବ୍ଲିଙ୍କର ଲାଇଟ୍, ସୂଚନା ଫଳକ, ରାସ୍ତା ଗତପଥ ଫଳକ ଗୁଡ଼ିକ ନିୟମିତ ଭାବେ ଚୋରୀ ହେଉଛି । ଏନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନୟାଗଡ଼ ଟାଉନଥାନା, ଇଟାମାଟି ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି । ତଥାପି କୌଣସି ସୁଧାର ଆସିନଥିବା ବେଳେ ଏବେ ନିଶାଡ଼ି ଓ ବ୍ରାଉନସୁଗର ବ୍ୟବସାୟୀଙ୍କ ପ୍ରକୋପ ବୃଦ୍ଧି ପାଉଛି । ଅତ୍ୟଧିକ ନିଶା ଖାଇ ଦୁର୍ଘଟଣା ଘଟାଇବା ଉଦ୍ଦେଶ୍ୟରେ ରାସ୍ତା ଉପରେ ବଡ଼ ବଡ଼ ପଥର ରଖୁଥିବା ଅଭିଯୋଗ ହୋଇଛି । ଫଳରେ ଉକ୍ତ ପଥର ଚକରେ ବାଜି ଅନେକ ଗାଡ଼ି ଟାୟାର ଫାଟିବା ସହ ରିମ୍ ବଙ୍କା ହେଇ ଯାଉଛି । ଦୂର ଦୂରାନ୍ତ ଯାଉଥିବା ଯାତ୍ରୀମାନେ ଅନ୍ଧାର ରାତିରେ ବାଇପାସ ରାସ୍ତାରେ ଷ୍ଟେଫିନ୍ ଲଗାଇବାକୁ ବାଧ୍ୟ ହେଉଛନ୍ତି । ଏହି ୨୧ କିମି ରାସ୍ତା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରେଟୋଲିଂ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି । ଯାହା ଫଳରେ ରାତିରେ ଚୋରୀ, ନିଶାଡ଼ିଙ୍କ ଉତ୍ପାତ ବନ୍ଦ ହେବା ସହ ଯାତ୍ରୀଙ୍କ ଧନ ଜୀବନ ସୁରକ୍ଷିତ ହେବ ବୋଲି ଆଶା କରାଯାଉଛି । ଏହା ସହିତ ନୟାଗଡ଼ ଟାଉନଥାନା, ସଦରଥାନା ଓ ଇଟାମାଟି ଥାନା ପୁଲିସ ମଧ୍ୟ ବାଇପାସ୍ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଦାବି ହେଉଛି । ପୁଲିସ ପକ୍ଷରୁ ବାଇପାସ୍‌ରେ ଚେକିଂ କଡ଼ାକଡ଼ି କରାଯିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

# ୩୬ ମେଗାୱାଟ୍ ରୁଫଟପ୍ ସୋଲାର ସ୍ଥାପନା ସହ ଉତର ଓଡ଼ିଶାରେ ସୌର ଶକ୍ତି ପ୍ରସାରକୁ ଆହୁରି ସୁଦୃଢ଼ କଲା TPNODL

ବାଲେଶ୍ୱର(ନି.ପ୍ର.) ୦୧ ଅଗଷ୍ଟ ୨୦୨୬ - ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ୍), ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ସମଗ୍ର ଉତର ଓଡ଼ିଶାରେ ସୌର ଶକ୍ତି ବ୍ୟବହାର କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛି । କେନ୍ଦ୍ର ସରକାରଙ୍କ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଦ୍ୱାରା, ଆର୍ଥିକ ବର୍ଷ-୨୭ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଟିପିଏନ୍ଓଡିଏଲ୍ ୧୮,୪୧୫ ଟି ନୂତନ ରୁଫଟପ୍ ସୋଲାର ସ୍ଥାପନା କରିଛି । ଏହା ଦ୍ୱାରା ଆଂଚଳିକ ଗ୍ରୀଡରେ ୩୬.୧୮ ମେଗାୱାଟ୍ ସବୁଜ ଶକ୍ତି ଯୋଡ଼ିହୋଇ ଅଂଚଳରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ସବୁଜ ଶକ୍ତି ଉତ୍ପାଦନ କ୍ଷମତା ୯୦.୨୫ ମେଗାୱାଟରେ ପହଂଚିଛି ।

ବ୍ୟାପକ ପ୍ରଚାର ପ୍ରସାର ସହିତ ସୁଗମ ସଂସ୍ଥାପନ ବ୍ୟବସ୍ଥା ଯୋଗୁଁ ସମସ୍ତ ଆର୍ଥିକ ଓ ସାମାଜିକ ବର୍ଗର ଉପଭୋକ୍ତାଙ୍କ ପାଇଁ ସୌର ଭିତିଭୂମି ଆପଣାଇବା ଆହୁରି



ସହଜ ହୋଇଥିବାବେଳେ ଘରୋଇ ଉପଭୋକ୍ତାମାନେ ମଧ୍ୟ ସୌର ଶକ୍ତି ପ୍ରତି ବିଶେଷ ଆକୃଷ୍ଟ ହେଉଥିବାର ଦୃଷ୍ଟିଗୋଚର ହେଉଛି ଓ ଟିପିଏନ୍ଓଡିଏଲ୍ ? ଅଂଚଳରେ ବିଗତ ତ୍ରୈମାସିକରେ ସୋଲାର ସ୍ଥାପନ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି - ଏପ୍ରିଲରେ ୪୫୧୨, ମେ ମାସରେ ୬୨୩୩ ଏବଂ ଜୁନ୍ ମାସରେ ୭୬୭୦ଟି ସ୍ଥାପନା ରେକର୍ଡ କରାଯାଇଛି । ଯୋଡ଼ିହୋଇଥିବା ୩୬.୧୮ ମେଗାୱାଟ୍ କ୍ଷମତା ମଧ୍ୟରୁ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅନ୍ତର୍ଗତ ୮୨୩୫ଟି ସ୍ଥାପନାରେ ୨୬ ମେଗାୱାଟ୍ ଏବଂ ୟୁଏଲ୍ଏ ମଡେଲ ଅଧୀନରେ ୧୦୧୮୦ ଟି ସ୍ଥାପନାରେ ୧୦.୧୮ ମେଗାୱାଟ୍ ଶକ୍ତି ଉତ୍ପାଦନ କ୍ଷମତା ରହିଛି । ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକ ରେ ବାଲେଶ୍ୱର ସର୍କଲ ୬୪୪୯ ଟି ସ୍ଥାପନ ସହ ୧୩ ମେଗାୱାଟ୍ କ୍ଷମତା ଯୋଡ଼ି ସବୁଠାରୁ ଆଗରେ ରହିଛି । ଏହା ପଛକୁ ବାରିପଦା ସର୍କଲ ୩୯୩୯ ଟି ସ୍ଥାପନରୁ ୭ ମେଗାୱାଟ୍, ଯାଜପୁର ସର୍କଲ ୩୨୯୩ ଟି ସ୍ଥାପନରୁ ୭.୪୬ ମେଗାୱାଟ୍, ଭଦ୍ରକ ସର୍କଲ ୨୭୦୨ ଟି ସ୍ଥାପନରୁ ୪.୬ ମେଗାୱାଟ୍ ଏବଂ କେନ୍ଦୁଝର ସର୍କଲ ୨୦୩୨ ଟି ସ୍ଥାପନରୁ ୪.୧୨ ମେଗାୱାଟ୍ ନୂତନ ସୌର ଶକ୍ତି କ୍ଷମତା ଯୋଡିଛନ୍ତି । ଏହି ସମ୍ପର୍କରେ ଟିପିଏନଓଡିଏଲ୍ ?ର ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନାରେ ରୁଫଟପ୍ ସୋଲାର ସ୍ଥାପନା ସହିତ ଉତର ଓଡ଼ିଶାରେ ସବୁଜ ଶକ୍ତିର ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଛି ଓ ଏନେଇ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଦ୍ୱାରା ସ୍ଥାନୀୟ ଉପଭୋକ୍ତାମାନେ ବିଶେଷ ଲାଭବାନ ହୋଇପାରୁଛନ୍ତି ଓ ଅଂଚଳରେ ସ୍ୱଚ୍ଛ ଓ ସବୁଜ ଶକ୍ତିର ପ୍ରୋତ୍ସାହନ ସହ ଗୁଣାତ୍ମକ ବିଦ୍ୟୁତ ସେବା ନେଇ ଟିପିଏନଓଡିଏଲ୍ ? ସର୍ବଦା ପ୍ରତିବଦ୍ଧ ରହିଛି ବୋଲି ସେ କହିଛନ୍ତି । ରୁଫଟପ୍ ସୋଲାର୍ ର ବ୍ୟବହାର ଫଳରେ ଉପଭୋକ୍ତାମାନେ ବିଶେଷ ଭାବେ ଆର୍ଥିକ ଲାଭବାନ୍ ହୋଇଛନ୍ତି । ଜୁନ୍ ୨୦୨୬ ରେ, ଟିପିଏନ୍ଓଡିଏଲ୍ ବିଦ୍ୟୁତ ବିତରଣ ଅଂଚଳରେ ୧୦,୭୧୫ ଜଣ ଉପଭୋକ୍ତା ଜିରୋ ୟୁନିଟ୍ ବିଲିଂ' ପାଇଛନ୍ତି, ଯାହା ସେମାନଙ୍କର ବାର୍ଷିକ ବିଜୁଳି ଖର୍ଚ୍ଚରେ ଆଶାତୀତ ହ୍ରାସ ଆଣିଦେଇଛି । ଏଥିମଧ୍ୟରେ ବାଲେଶ୍ୱରରୁ ସର୍ବାଧିକ ୪୦୪୨ ଜଣ, ବାରିପଦାରୁ ୨୬୨୮ ଜଣ, ଯାଜପୁରରୁ ୧୪୯୬ ଜଣ, କେନ୍ଦୁଝରରୁ ୧୪୬୬ ଜଣ ଏବଂ ଭଦ୍ରକରୁ ୧୦୮୩ ଜଣ ଉପଭୋକ୍ତା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୯୩୨୮ ଜଣ ଉପଭୋକ୍ତାଙ୍କ ବିଜୁଳି ବିଲ୍ ୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏହି ବର୍ଗରେ ବାଲେଶ୍ୱରର ୩୨୨୧ ଜଣ, ଯାଜପୁରର ୧୯୧୪, ବାରିପଦାର ୧୬୮୪, ଭଦ୍ରକର ୧୪୨୧ ଏବଂ କେନ୍ଦୁଝରର ୧୦୮୮ ଜଣ ଉପଭୋକ୍ତା ଉପକୃତ ହୋଇଛନ୍ତି ।

ଟିପିଏନଓଡିଏଲ୍ ଦ୍ୱାରା ବ୍ୟାପକ ଉପଭୋକ୍ତା ସଚେତନତା, ସରଳ ଆବେଦନ ପ୍ରକ୍ରିୟା, ଦ୍ରୁତ ନେଟ୍-ମିଟରିଂ ମଞ୍ଜୁରୀ ଏବଂ ପ୍ରତ୍ୟକ୍ଷ ବୈଷୟିକ ସହାୟତା ସହ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଏବଂ ୟୁଏଲ୍ଏ ମଡେଲରେ ସରକାରୀ ସବସିଡି ବ୍ୟବସ୍ଥା ଏବଂ ସୁସଂଗଠିତ କାର୍ଯ୍ୟାନ୍ୱୟନ ଯୋଗୁଁ ଏହି ଯୋଜନା ବିଶେଷ ଲୋକାଦୃତ ହୋଇପାରିଛି ଓ ଏହି ଯୋଜନା ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହୀ ଉପଭୋକ୍ତାମାନେ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ ରେ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ୍ ? ପକ୍ଷରୁ ଅନୁରୋଧ କରାଯାଇଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'

ଭୁବନେଶ୍ୱର : ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଜି. କାଉନସିଲ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପି.ଜି. କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ, ପି.ଜି. ହଷ୍ଟେଲ୍ର ଡେପୁଟି ୱାର୍ଡେନ ଡ଼. ଶିବଶଙ୍କର ମହାନ୍ତି, ଏନ୍.ଏସ୍.ଏସ୍. ସମନ୍ୱୟକ ଡ଼. ଶାନ୍ତି ସ୍ୱରୂପ ସାହୁ, ସ୍ୱଚ୍ଛତା ଅଭିଯାନର ଓଏସ୍ ?.ଡି. ଡ଼. ପରମାନନ୍ଦ ନାୟକ ଓ



ଏନ୍.ଏସ୍.ଏସ୍. ପ୍ରୋଗ୍ରାମ୍ ଅଫିସର ଡ଼. କବିତା ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବା ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ନିଶାମୁକ୍ତ ଭାରତ' ଗଠନ ପାଇଁ ସମୂହ ଶପଥ ପାଠ କରିଥିଲେ । ଯୁବପିଢ଼ି ନିଶାରୁ ଦୂରେଇ ରହି ଏକ ସୁସ୍ଥ, ସଚେତନ ଓ ବିକଶିତ ଭାରତ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ ।

## ଖଇରା ବ୍ଲକରେ ବନ୍ୟା କ୍ଷୟକ୍ଷତିର ପରିମାଣ ୧୬କୋଟି

ଖଇରା,(ନି.ପ୍ର.)ଖଇରା ବ୍ଲକରେ ବନ୍ୟା ଯୋଗୁଁ ୧୨ ପ□ାୟତରେ ବ୍ୟାପକ କ୍ଷୟକ୍ଷତି ହୋଇ ଯାଇଥିବା ବେଳେ ବାକି ୨୫ ପଂଚାୟତରେ ଆଂଶିକ କ୍ଷୟକ୍ଷତି ହୋଇ ଯାଇଛି । କ୍ଷତିର ପରିମାଣ ପାଖାପାଖି ୧୬କୋଟି ହେବ ବୋଲି କୁହାଯାଉଛି । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ୨ଦିନ ଧରି ଜଳବନ୍ଦୀ ଘେରରେ ରହିଥିବା ବିପନ୍ନ ମାନଙ୍କ ପାଇଁ ଶୁଖିଲା ଖାଦ୍ୟ,ପ୍ରାଣିମାନଙ୍କ ପାଇଁ ଗୋଖାଦ୍ୟ ତଥା ଜଳପରିମଳ ବିଭାଗ ପକ୍ଷରୁ ୫ହଜାର ପାଣି ବୋତଲ ଜଳବନ୍ଦୀ ଅ□ଳକୁ ପଠାଯାଇଥିବା ବେଳେ ୧୨୦ ନଳକୂପକୁ ପ୍ରଦୂଷଣ ମୁକ୍ତ କରାଯାଇଛି । । ଶନିବାର ସନ୍ଧ୍ୟାରେ ଖଇରା ବ୍ଲକ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଇରା ବ୍ଲକ ପ୍ରଶାସନ ଓ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରାଥମିକ



କ୍ଷୟକ୍ଷତି ତଥା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମ୍ପର୍କରେ ସୁଚନା ପ୍ରଦାନ କରାଯାଇଛି ।ବ୍ଲକର ଝିଙ୍କିରିଆ, ସାରଡାଙ୍ଗ,ପଳସା, ଗଡପୋଖରୀ,କୁରୁ□ା, ମାଖନପୁର,ନହଙ୍ଗ,ନୟାଖଣ୍ଡି, ଗଗନଧୁଳି, ବଡଜୟିପୁର,ସୁଣ୍ଢିରା ପ□ାୟତର ୩୪ଗାଁରେ ରେ ଅଧିକ କ୍ଷୟକ୍ଷତି ଓ ଅନ୍ୟ ପ□ାୟତ ଗୁଡିକରେ ମଧ୍ୟ ଆଂଶିକ କ୍ଷତି ହୋଇଥିବା ନେଇ ବିଭିନ୍ନ ଲୋକପ୍ରତିନିଧି ଓ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ରିପୋର୍ଟ ଆଧାରରେ ସଂଗ୍ରହ କରାଯାଇଛି । ସେହିଭଳି ଜଳସେଚନ ବିଭାଗ ଅଧିନରେ ୭୮ଟି ପ୍ରକଳ୍ପ ଧୋଇ ଯାଇଥିବା ବେଳେ ୬କିମିର ଆରଡି ରାସ୍ତା ନଷ୍ଟ ହୋଇଛି । ଭୋକରେ ରହିଥିବା ଗୋରୁମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୦କୁଇ□ାଲ ଓ ଦ୍ୱତୀୟ ପର୍ଯ୍ୟାୟରେ ୧୦୬ କୁଇ□ା କୁଣ୍ଡା ବ□ାଯାଇଛି । ଉକ୍ତ ବୈଠକରେ ବିଡିଓ ନାରାୟଣ ସାହୁ,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର,ମୁଖ୍ୟ କିରାଣି ବ୍ରହ୍ମନନ୍ଦ ଦାଶ,ଏମଆଇ ଶୁଭାଶିନୀ ସାହୁ,ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ,ଯୁବନେତା ପତିତପାବନ କର,ସିପି ଶଶିକାନ୍ତ ଦାସ,ଅନନ୍ତ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କ କଲ୍ୟାଣ ପାଇଁ ସହାୟତାର ହାତ ବଢ଼ାଇଲା କୋଲ୍ ଇଣ୍ଡିଆ

ଅନୁଗୁଳ(ନି.ପ୍ର.) କୋଲ୍ ଇଣ୍ଡିଆ ଲିମିଟେଡ୍ (ଉଓଖ) ନିଜର ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପେନସନ ପ୍ରଶାସନ, ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା, ଅଭିଯୋଗ ନିବାରଣ ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁଧାର ଲାଗୁ କରିଛି । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ୪.୫ ଲକ୍ଷରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀ ଏବଂ ପେନସନ ହିତାଧିକାରୀଙ୍କ ଜୀବନଧାରଣର ମାନରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆସିପାରିଛି । ଏହା ଦେଶର ଶକ୍ତି ସୁରକ୍ଷାରେ ଯୋଗଦାନ ଦେଇଥିବା ନିଜର ପୂର୍ବତନ କର୍ମଚାରୀଙ୍କ କଲ୍ୟାଣ ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବାର ଦର୍ଶାଉଛି ।ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ପଦକ୍ଷେପ ସ୍ୱରୂପ, କୋଲ୍ ମାଇନ୍ସ ପେନସନ୍ ଯୋଜନା ଅଧୀନରେ ସର୍ବନିମ୍ନ ମାସିକ ପେନସନ୍ ?କୁ ୮ ମାର୍ଚ୍ଚ ୨୦୨୪ ରୁ ବୃଦ୍ଧି କରାଯାଇ ?୧,୦୦୦ କରାଯାଇଛି, ଯାହାଦ୍ୱାରା ପ୍ରାୟ ୪୦,୦୦୦ ପେନସନଭୋଗୀ ଲାଭାନ୍ୱିତ ହୋଇଛନ୍ତି । ଏହି ନିଷ୍ପତି ଅବସରପ୍ରାପ୍ତ ଖଣି ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ଅତିରିକ୍ତ ଆର୍ଥିକ ସମ୍ବଳ ଯୋଗାଇ ଦେଇଛି ।ସିଆଇଏଲ୍, କୋଲ୍ ମାଇନ୍ସ ପ୍ରୋଭିଡେଂଟ ଫଣ୍ଡ ସଂଗଠନ (ଉଗଚରଢ) ର ସହଯୋଗରେ 'ସି-କେୟାର୍ସ' (ଉ-ଉଇଜରଝ) ପ୍ଲାଟଫର୍ମ ମାଧ୍ୟମରେ ପେନସନ ପ୍ରଶାସନର ଡିଜିଟାଇଜେସନ୍ ?କୁ ତ୍ୱରାନ୍ୱିତ କରିଛି । ଏହାର ପରିଣାମ ସ୍ୱରୂପ, ଅବସର ସମ୍ବନ୍ଧୀୟ ଦାବିଗୁଡ଼ିକର ନିଷ୍ପତିର ହାରାହାରି ସମୟସୀମା ୩୦ ଦିନରୁ ହ୍ରାସ ପାଇ ମାତ୍ର ୧୦ ଦିନକୁ ଚାଲିଆସିଛି । ଏହା ବ୍ୟତୀତ, ପେନସନ୍ ସଂଶୋଧନ ଏବଂ ସଂଶୋଧିତ ପେନସନ୍ ପେମେଂଟ ଅର୍ଡର (ଚଟଢ) ଅନଲାଇନ୍ ?ରେ ଜାରି କରିବା ପାଇଁ ନୂତନ ଡିଜିଟାଲ୍ ମୋଡ୍ୟୁଲ୍ ବିକଶିତ କରାଯାଉଛି, ଯାହାଦ୍ୱାରା ପେନସନ୍ ସମ୍ବନ୍ଧୀୟ



ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସହଜ ଏବଂ ସମ୍ପୂର୍ଣ୍ଣ କାଗଜବିହୀନ କରାଯାଇପାରିବ । ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସହଜ ଏବଂ ଆରାମଦାୟକ ଅନୁଭୂତି ସୁନିଶ୍ଚିତ କରିବାକୁ ସି-କେୟାର୍ସ ପୋର୍ଟାଲ୍ ମାଧ୍ୟମରେ ଅବସର ଗ୍ରହଣ ଦିନ ହିଁ ପି.ପି.ଓ ଜାରି କରିବା ଏବଂ କୋଲ୍ ମାଇନ୍ସ ପ୍ରୋଭିଡେଂଟ ଫଣ୍ଡ (ଉଗଚର) ବାକି ପ୍ରାପ୍ୟର ନିଷ୍ପତି ପାଇଁ ବ୍ୟବସ୍ଥା କରାଯାଇଛି, ଯେତେବେଳେ କି ଗ୍ରାଚ୍ୟୁଟି ପେମେଂଟ ଆଇନଗତ ପ୍ରାବଧାନ ଅନୁଯାୟୀ କରାଯାଉଛି । ସଂଶୋଧିତ ପି.ପି.ଓ ବ୍ୟବସ୍ଥା ଅଧୀନରେ ଯୋଗ୍ୟ ଜୀବନସାଥୀଙ୍କ ବିବରଣୀ ମଧ୍ୟ ସାମିଲ କରାଯାଉଛି, ଯାହାଦ୍ୱାରା ପେନସନ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ ସି.ଏମ୍.ପି.ଏଫ୍.ଓରୁ ପୃଥକ୍ ଅନୁମୋଦନ ନ ନେଇ ମଧ୍ୟ ସାଧାରଣ ପାରିବାରିକ ପେନସନ ମାମଲାଗୁଡ଼ିକର ଶୀଘ୍ର ନିଷ୍ପତି କରିପାରିବେ ।କୋଲ୍ ଇଣ୍ଡିଆ ନିଜର ମୁଖ୍ୟାଳୟ ଏବଂ ସମସ୍ତ ଶାଖା/ ଅନୁଷଙ୍ଗିକ କମ୍ପାନୀଗୁଡ଼ିକରେ ସମର୍ପିତ 'ପୋଷ୍ଟ ରିଟାୟରମେଂଟ ବେନିଫିଟ୍' (ଚଜଇ) ସେଲ୍ ସ୍ଥାପନ କରିଛି, ଯାହା ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସେବା ଓ ସହାୟତା ପାଇଁ 'ସିଙ୍ଗଲ୍ ପଏଂଟ ଅଫ୍ କଂଟାକ୍ଟ' (ଏକକ ସମ୍ପର୍କ କେନ୍ଦ୍ର) ଭାବରେ କାର୍ଯ୍ୟ କରୁଛି ।ସ୍ୱାସ୍ଥ୍ୟ ସେବା ସିଆଇଏଲ୍ ?ର ଅବସର ପରବର୍ତୀ କଲ୍ୟାଣ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର । 'ଅଂଶଦାୟୀ ଅବସର ପରବର୍ତୀ ଚିକିତ୍ସା ଯୋଜନା' (ଉଚଜଗଝ) ଅଧୀନରେ ପଞ୍ଜୀକୃତ ପ୍ରାୟ ୧.୧୩ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସାରା ଦେଶର ୫୩୨ଟି ତାଲିକାଭୁକ୍ତ ହସ୍ପିଟାଲରେ ନଗଦବିହୀନ ଚିକିତ୍ସା ସୁବିଧା ଉପଲବ୍ଧ ହେଉଛି । ଏହି ଯୋଜନା ଅଧୀନରେ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପାଇଁ ?୨୫ ଲକ୍ଷ ଏବଂ ଅବସରପ୍ରାପ୍ତ ଅଣ-ଅଧିକାରୀମାନଙ୍କ ପାଇଁ ?୮ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା କଭରେଜ୍ ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ, ଅଧିସୂଚିତ ଗମ୍ଭୀର ରୋଗଗୁଡ଼ିକର ଚିକିତ୍ସା ଖର୍ଚ୍ଚକୁ ଏହି ଆର୍ଥିକ ସୀମାରୁ ପୃଥକ୍ ରଖାଯାଇଛି, ଯାହାଦ୍ୱାରା ଜଟିଳ ଚିକିତ୍ସା ପରିସ୍ଥିତିରେ ବ୍ୟାପକ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହୋଇପାରୁଛି ।ଏହି ପଦକ୍ଷେପଗୁଡ଼ିକର ବ୍ୟାପକ ପ୍ରଭାବକୁ ଦର୍ଶାଇ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଭବିଷ୍ୟ ନିଧି (ଚର) ବଂଟନ ୧୯.୫% ବୃଦ୍ଧି ପାଇ ?୧୩,୬୦୮.୮ କୋଟି ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷର ?୧୧,୩୯୧.୬ କୋଟି ତୁଳନାରେ ଏକ ଉଲ୍ଲେଖନୀୟ ବୃଦ୍ଧି । ଏହି ସମାନ ଅବଧି ମଧ୍ୟରେ ପେନସନ୍ ବଂଟନ ୨୨.୯ ପ୍ରତିଶତ ବୃଦ୍ଧି ପାଇ ?୬,୪୨୭ କୋଟି ହୋଇଛି, ଯାହାକି ପୂର୍ବ ବର୍ଷ ?୫,୨୨୯.୧ କୋଟି ଥିଲା । ଏହିପରି ଭାବରେ, ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଭବିଷ୍ୟ ନିଧି ଏବଂ ପେନସନ୍ ବଂଟନରେ ମୋଟ ?୩,୪୧୫.୧ କୋଟିର ବୃଦ୍ଧି ରେକର୍ଡ କରାଯାଇଛି । ଏହା ନିଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆର୍ଥିକ ସୁରକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏବଂ ସାଂସ୍ଥାନିକ ସହଯୋଗ ଯୋଗାଇଦେବା ପ୍ରତି ସି.ଆଇ.ଏଲର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି । କମ୍ପାନୀ ନିଜର ସୂଚୀବଦ୍ଧ ଅବକାଶ ଗୃହ ଗୁଡ଼ିକର ସୁବିଧା ମଧ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଉପଲବ୍ଧ କରାଉଛି, ଯାହାଦ୍ୱାରା ସେମାନଙ୍କର ସାମଗ୍ରିକ କଲ୍ୟାଣ ଏବଂ ସାମାଜିକ ସଂଯୋଗକୁ ପ୍ରୋତ୍ସାହନ ମିଳୁଛି ।

## ଖଇରା ଶିକ୍ଷକଭବନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଇରା(ନି.ପ୍ର.)ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଶିକ୍ଷକ ଭବନ ପରିସରରେ ବ୍ଲକ ରକ୍ତଦାତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ କମ୍ପ୍ୟୁଟର ଶିକ୍ଷକ ଧନଞ୍ଜୟ ପଣ୍ଡା ମ□ ଆହ୍ୱାନ କରିଥିଲେ । ଜିଲା ସଂଘ ର ସଭାପତି କମଳ ଚକ୍ରବ□ୀ ଏଥିରେ ସଭାପତିତ୍ୱ କରିଥିଲେ । ବିଡିଓ ନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ରକ୍ତର ଅଭାବ ସମୟରେ ସଂଘ ର କର୍ମ ଅତିବ ପ୍ରଶଂନୀୟ ବୋଲି କହିଥିଲେ ।ଜିଲା ସମ୍ପାଦକ ଇଂ ହୃଶିକେଶ ସାହୁ,ଖଇରା ସଂଘର ସଭାପତି ସୌରଭ ମହାନ୍ତି,ସମ୍ପାଦକ ଅବିନାଶ ପ୍ରଧାନ ଅନ୍ୟତନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଖଇରା ବ୍ଲକରୁ ୨୧,ଔପଦାରୁ ୪,ସିମୁଳିଆରୁ ୬,ସୋରରୁ ୨୧,ନିଳଗିରିରୁ ୧୧ ସଂଗଠନ ତଥା ଜିବନ ବିନ୍ଦୁ ମାଧ୍ୟମରେ ଖଇରା ବ୍ଲକରେ ୩ଶହରୁ ଉର୍ଦ୍ଧ ଶିବିର କରିବାକୁ ସମର୍ଥ ସଂଯୋଜକ ପ୍ରହ୍ଲାଦ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲକ୍ଷ୍ମୀଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜନସେବାରେ ବ୍ରତୀ ପୂର୍ବତନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ


ନୀଳଗିରି(ନି.ପ୍ର.) ଓଡିଶା ସରକାରଙ୍କ ବିଭିନ୍ନ ବିଭାଗରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟକରି ଗତମାସ ଇଡକୋର ଚେୟାରମେନ୍ ପଦରୁ ଅବସରଗ୍ରହଣ କରିଛନ୍ତି ନୀଳଗିରି ମାଟିର ପୁଅ ସରୋଜ କୁମାର ସେଠୀ । ଅବସରପରେ ଅବଶିଷ୍ଟ ଜୀବନ ଜନ୍ମମାଟିର ଗରୀବ,ଖଟିଖିଆ,ସାଧାରଣଜନତାଙ୍କ ସେବାରେ ନିଜର ପ୍ରଶାସନିକ ଜୀବନର ଅଭିଜ୍ଞତାକୁ ଭିତିକରି କାର୍ଯ୍ୟକରିବା ଲକ୍ଷ୍ୟରେ ଆଗକୁ ପାଦ ବଢାଇଛନ୍ତି । ତେବେ ପ୍ରଶାସନିକ ସେବାରେ ଥାଇମଧ୍ୟ ସମୟ ମିଳିଲେ ଅଧିକାଂଶ ସମୟରେ ନୀଳଗିରି ଅଂଚଳରେ ପହଂଚି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ଦେଖିବାକୁ ମିଳିଥିଲା । ତେବେ ଚଳିତ ଲଘୁଚାପଜନିତ



ଲଗାଣବର୍ଷାରେ ସମଗ୍ର ଓଡ଼ିଶା ଜଳାର୍ଣ୍ଣବ ହୋଇ ମହାବିପତି ଦେଖାଦେଇଥିବା ବେଳେ ନୀଳଗିରି ଉପଖଣ୍ଡର ଶତାଧିକ ଅଂଚଳର ଲୋକମାନଙ୍କର ବହୁ ଧନଜୀବନ ନଷ୍ଟହେବା ସହିତ କ୍ଷୟକ୍ଷତି ହୋଇଥିଲା । ଏପରି ସ୍ଥିତିରେ ପୂର୍ବତନ ଜିଲ୍ଲାପାଳ ତଥା ଇଡକୋର ପୂର୍ବତନ ଚେୟାରମେନ୍ ସରୋଜ ସେଠୀ ଗାଁ କୁ ଗାଁ ବୁଲି ଲୋକଙ୍କ ଦୁଃଖରେ ସମଭାଗି ହେବାସହିତ କିପରି ତୁରନ୍ତ ସରକାରୀ ସାହାଯ୍ୟ ମିଳିପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟତଃ ବ୍ଲକର ଅଯୋଧା, ବାଲିପାଳ , ତିନିଦେଶ, ନରସିଂହପୁର ପ୍ରଭୃତି ଅଂଚଳବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ । ଏତଭିନ୍ନ ବ୍ଲକର ଭଉଁରିଆବାଡ ପଂଚାୟତ ତୁଳସୀଡିହା ଗ୍ରାମର ୪ଥରର ସରପଂଚ ଆଦିବାସୀନେତା ରଘୁନାଥ ସିଂଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ କିଛି ଆର୍ଥିକ ସାହାଯ୍ୟ କରିଥିବା ଜଣାଯାଇଛି । ସରୋଜ ସେଠୀଙ୍କ ଏହି ଗସ୍ତକାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ଭୁଗୁଡ଼ି, କମଳକିଶୋର ପଣ୍ଡା, ରତିକାନ୍ତ ବେହେରା, ରାଜୀବ ସିଂ, ମନୋଜ କୁମାର ସିଂ ପ୍ରମୁଖ ବହୁ ଶୁଭେଚ୍ଛୁ ସହଯୋଗ କରିଥିବା ଦେଖାଯାଇଥିଲା । ଶ୍ରୀଯୁକ୍ତ ସେଠୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଶିଶୁ ସାହିତ୍ୟିକା ଲୋପା ସାମଲଙ୍କ ଜଗନ୍ନାଥ ଜଣାଣ ପୁସ୍ତକ 'ଚକା ଚକା ଆଖି ଦୁଇ' ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପିତ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ମହାନଗରର ବିଶିଷ୍ଟ ଲେଖିକା ତଥା ଶିଶୁ ସାହିତ୍ୟିକା ଲୋପା ସାମଲଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ପୁସ୍ତକ 'ଚକା ଚକା ଆଖି ଦୁଇ' ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପଣ କରାଯାଇଛି । ପ୍ରଥମେ ମନ୍ଦିର ପୂଜକଙ୍କ ଦ୍ୱାରା ପୁସ୍ତକର ଏକ ପ୍ରତିଲିପି ଶ୍ରୀଜିଉଙ୍କ ନିକଟରେ ଅର୍ପଣ ପୂର୍ବକ ପୂଜାପାଠ କରାଯାଇଥିଲା । ଏହାପରେ ଲେଖିକା ଲୋପା ସାମଲଙ୍କ ଆବାହକତ୍ୱରେ




ପୁସ୍ତକ ଉନ୍ମୋଚନ ଓ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମାଝୀ, ସାହିତ୍ୟିକ ସୁଶାନ୍ତ କୁମାର କର, କବି ଚନ୍ଦ୍ରଶେଖର ମହାପାତ୍ର, ବିଷ୍ଣୁପ୍ରିୟା ସାମଲ, ତରଣିସେନ ଜେନା, ମଦନମୋହନ ଜେନା, କାହ୍ନୁଚରଣ ନାୟକ, ଇଂ. ସ୍ୱାଗତିକା ରାଉତ, ଆଦିତ୍ୟ ଜେନା, ଜଲି ସାମଲ, ଅଂଶିକା ନାୟକଙ୍କ ସମେତ ବହୁ ଶୁଭେଚ୍ଛୁ, ଭକ୍ତ ଉପସ୍ଥିତ ଥିଲେ । ଏହି ଅବସରରେ ଚନ୍ଦ୍ରଶେଖର ମହାପାତ୍ର ଉକ୍ତ ପୁସ୍ତକର ଏକ ଜଣାଣ ଗାନକରି ଉପସ୍ଥିତ ଭକ୍ତମଣ୍ଡଳୀକୁ ସହ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଶେଷରେ ସାହିତ୍ୟିକା ଲୋପା ସାମଲଙ୍କ ତରଫରୁ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

## ବରିଷ୍ଠ କଳାକାର ସଂଘ ପକ୍ଷରୁ ବନ୍ଧୁତା ଦିବସ ପାଳିତ

ବ୍ରହ୍ମପୁର(ନି.ପ୍ର.): କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ' ତରଫରୁ ବ୍ରହ୍ମପୁର ସହର ଉପକଣ୍ଠ ସ୍ଥିତ ଫୁଲଟା ନାରାୟଣୀ ମନ୍ଦିର ପରିସରରେ ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘ କୋଷାଧ୍ୟକ୍ଷ ଅଭିରାମ ରାଉଳଙ୍କ ୭୦ ତମ ଜନ୍ମଦିନ ପାଳନ କରାଯାଇଥିଲା । ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା କଳାକାର ସଂଘ ସଭାପତି ଶଙ୍କର୍ଷଣ ସାବତ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ତ୍ରିପାଠୀ କ୍ଷ୍ମ, ନାଟ୍ୟ ନିର୍ଦ୍ଦେଶକ



ସୁଦାମ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତ ବର୍ଷରେ ଅଗଷ୍ଟ ମାସ ପ୍ରଥମ ରବିବାର ପାଳିତ ହେଉଥିବା ବନ୍ଧୁତା ଦିବସ ସମ୍ୟକ ଆଲୋକପାତ ସହିତ ନାଟ୍ୟଗୁରୁ ଅଭିରାମ ରାଉଳଙ୍କ ନାଟ୍ୟ ଜୀବନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ସଂଘ ତରଫରୁ ଅଭିରାମ ବାବୁଙ୍କୁ ଜନ୍ମଦିନ ବଧେଇ ଓ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ । ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ବରଡ଼, ଚିତ ରଂଜନ ଦଳେଇ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ସହ ସମ୍ପାଦକ ବଳଦେବ ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋଲଝୋରଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଦିନ ରାଷ୍ଟ୍ରପତି ଭବନର ଅଗ୍ରଭାଗରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପିବିଜି ସୋଲଝୋରଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ 'ରନ୍ ଫର୍ ସୋଲ୍ଜର୍ସ, ରନ୍ ୱିଥ୍ ସୋଲ୍ଜର୍ସ' ର ଦୂରଦୃଷ୍ଟିସମ୍ପନ୍ନ ସଂକଳ୍ପ ଉପରେ ଆଧାରିତ, ଯାହାର ଉଦ୍ଦେଶ୍ୟ ହେଉଛି ସାଧାରଣ ନାଗରିକ ଏବଂ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ବନ୍ଧନକୁ ଆହୁରି ମଜବୁତ କରିବା । ରାଷ୍ଟ୍ରପତି ମୁର୍ମୁ ଏକ୍ସ ଉପରେ ଲେଖିଛନ୍ତି, 'ପ୍ରକୃତ ହିରୋମାନଙ୍କୁ ସମର୍ଥନ କରିବା-ଭାରତର ସଶସ୍ତ୍ର ବାହିନୀ ।' ବିଷୟବସ୍ତୁ (ପ୍ରକୃତ ହିରୋ-ଭାରତର ସଶସ୍ତ୍ର ବାହିନୀକୁ ସମର୍ଥନ) ଉପରେ ଧ୍ୟାନ କେନ୍ଦ୍ରିତ କରି, ଏହି କାର୍ଯ୍ୟକ୍ରମ ଆମର ସୈନିକମାନଙ୍କ ଉତ୍ସର୍ଗୀକୃତ, ସାହସ ଏବଂ ବଳିଦାନକୁ ସମ୍ମାନ କରେ, ଏବଂ ନାଗରିକମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଏକତା ପ୍ରଦର୍ଶନ କରିବାକୁ ଉତ୍ସାହିତ କରେ । ରାଷ୍ଟ୍ରପତିଙ୍କ ସଚିବାଳୟ ଅନୁଯାୟୀ, ମିଜୋରାମର ପୃଷ୍ଠପୋଷକ-ଜେନେରାଲ ଏବଂ ଏହି ପଦକ୍ଷେପ (ଡ. ଭି. କେ. ସିଂହ) ମଧ୍ୟ ଉପସ୍ଥିତ ଥିଲେ । 'ସୈନିକମାନଙ୍କ ପାଇଁ ଦୌଡ଼ିବା, ସୈନିକମାନଙ୍କ ସହିତ ଦୌଡ଼ିବା' ହେଉଛି ସାଧାରଣ ନାଗରିକ ଏବଂ ସଶସ୍ତ୍ର ବାହିନୀ ମଧ୍ୟରେ ବନ୍ଧନକୁ ସୁଦୃଢ଼ କରିବା ପାଇଁ ଏକ ଅନନ୍ୟ ମଂଚ ।

## ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର :ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ- ଉତର ଓଡ଼ିଶା ଉପକୂଳ ସଂଲଗ୍ନ ଅଂଚଳରେ ସକ୍ରିୟ ଥିବା ଗଭୀର ଅବପାତ ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ପ୍ରାୟ ୩ କିଲୋମିଟର ବେଗରେ ଧୀରେ ଧୀରେ ଉତର ଦିଗକୁ ଗତି କରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ତଥ୍ୟ ଅନୁଯାୟୀ, ରବିବାର ପୂର୍ବାହ୍ନ ୧୧ଟା ୩୦ ସୁଦ୍ଧା ଏହାର କେନ୍ଦ୍ର ୨୧.୫ ଡିଗ୍ରୀ ଉତର ଅକ୍ଷାଂଶ ଏବଂ ୮୮.୧ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା । ଏହା ସାଗର ଦ୍ୱୀପରୁ ପ୍ରାୟ ୨୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ, ଦୀଘାରୁ ୬୦ କି.ମି. ପୂର୍ବ-ଦକ୍ଷିଣପୂର୍ବ, ଡାଇମଣ୍ଡ ହାର୍ବରରୁ ୮୦ କି.ମି. ଦକ୍ଷିଣ-ଦକ୍ଷିଣ ପଶ୍ଚିମ, କ୍ୟାନିଂରୁ ୧୦୦ କି.ମି. ଦକ୍ଷିଣ-ପଶ୍ଚିମ ଏବଂ ବାଲେଶ୍ୱରରୁ ୧୨୦ କି.ମି. ପୂର୍ବରେ ରହିଥିଲା । ତେବେ ଗଭୀର ଅବପାତ ଉତର ଦିଗକୁ ଗତି କରି ସାଗର ଦ୍ୱୀପ ନିକଟ ଦେଇ ବାଲେଶ୍ୱର ଓ କ୍ୟାନିଂ ମଧ୍ୟରେ ହଳଦିଆ ନିକଟରେ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।




# ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗୋଟିଏ ଦିନରେ ଭାରତ ଜିତିଲା ୮ଟି ସ୍ୱର୍ଣ୍ଣ ପଦକ

# ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ





ଗ୍ଲାସଗୋ: ଗ୍ଲାସଗୋଠାରେ ଚାଲିଥିବା କମନୱେଲଥ୍ ଗେମ୍ସ ୨୦୨୬ର ୧୦ମ ଦିନ ଶନିବାର ଭାରତ ପାଇଁ ଅତ୍ୟନ୍ତ ସଫଳ ସାବ୍ୟସ୍ତ ହୋଇଛି । ଭାରତୀୟ ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଦିନରେ ମୋଟ ୮ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏଥିମଧ୍ୟରୁ ୭ଟି ସ୍ୱର୍ଣ୍ଣ ବକ୍ସିଂରୁ ଆସିଥିବା ବେଳେ ୧ଟି ପାରା ଶଟପୁଟ୍‌ରୁ ମିଳିଛି କମନୱେଲଥ୍ ଗେମ୍ସର କୌଣସି ଗୋଟିଏ ସଂସ୍କରଣରେ ବକ୍ସିଂରେ ୭ଟି ସ୍ୱର୍ଣ୍ଣ ଜିତିବା ଭାରତ ପାଇଁ ପ୍ରଥମ ଐତିହାସିକ ସଫଳତା । ଭାରତୀୟ ବକ୍ସରମାନେ ରିଂରେ ଦମଦାର ପ୍ରଦର୍ଶନ କରିନ୍ତି । ମହିଳା ବର୍ଗରେ ପ୍ରୀତି ପାୱାର (୫୪ କିଗ୍ରା) କାନାଡାର ସ୍କାର୍ଲେଟ୍ ଡେଲଗାଡୋଙ୍କୁ ୫-୦ରେ, ଜ୍ୟାସମିନ୍ ଲାମ୍ବୋରିଆ (୫୭ କିଗ୍ରା) ଆୟରଲ୍ୟାଣ୍ଡର ମିଶେଲା ୱାଲ୍ସଙ୍କୁ ୫-୦ରେ, ସାକ୍ଷୀ ଚୌଧୁରୀ (୫୧ କିଗ୍ରା) ଇଂଲଣ୍ଡର ଖେଳାଳିଙ୍କୁ ୫-୦ରେ, ପ୍ରିୟା ସିଂଘାସ (୬୦ କିଗ୍ରା)ରେ, ଅରୁନ୍ଧତୀ ଚୌଧୁରୀ (୭୦ କିଗ୍ରା) ଇଂଲଣ୍ଡର କାନ୍ଥଲେ ରୀଡ୍‌ଙ୍କୁ ୫-୦ରେ ମାତ୍ ଦେଇଛନ୍ତି । ପୁରୁଷ ବର୍ଗରେ ଅଙ୍କୁଶ ପଂଘାଲ ଇଂଲଣ୍ଡର ଡିମେଜୀ ଶିଟୁଙ୍କୁ, ସଚିନ ସିୱାଚ ନାମିବିୟାର ମୋର୍ନି ନଡେଭେଲୋଙ୍କୁ ୩-୨ରେ ହରାଇ ରୋମାଂଚକର ବିଜୟ ହାସଲ କରିଛନ୍ତି । ଲଭଲିନା ବୋରଗୋହେନ୍ (୭୦ କିଗ୍ରା), ଜଦୁମଣି ଏବଂ ନରେନ୍ଦ୍ର ବେରୱାଲ (+୯୦ କିଗ୍ରା) ଫାଇନାଲରେ ପରାଜିତ ହୋଇ ରୌପ୍ୟ ପଦକ ଜିତିଛନ୍ତି । ପାରା ଶଟପୁଟରେ ସୋମନ ରାଣା ସ୍ୱର୍ଣ୍ଣ, ଶୁଭମ ଜୁୟାଲ ରୌପ୍ୟ ପଦକ ଜିତିଛନ୍ତି । ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂହ ୧୩ ମିନିଟ୍ ୨୪.୯୫ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଛନ୍ତି । ସେ କମନୱେଲଥ୍ ଗେମ୍ସର ଗୋଟିଏ ସଂସ୍କରଣରେ ୫୦୦୦ ମିଟର ଏବଂ ୧୦୦୦୦ ମିଟର (ଉଭୟ) ଟ୍ରାକ୍ ଇଭେଂଟରେ ପଦକ ଜିତିବାରେ ପ୍ରଥମ ଭାରତୀୟ ଆଥଲେଟ୍ ହୋଇଛନ୍ତି ।

ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବା ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମନୱେଲ୍ଥ ଗେମ୍ସ-୨୦୨୬ରେ ମହିଳା ୬୩ କିଲୋଗ୍ରାମ ଜୁଡୋ ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିବା ଉନ୍ନତି ଶର୍ମାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଆପଣଙ୍କ ଦକ୍ଷତା ଓ ଦୃଢ଼ ସଂକଳ୍ପ ଦେଶ ପାଇଁ ଅପାର ଗର୍ବ ଆଣିଛି । ଟିମ୍ ଇଣ୍ଡିଆର ନିରନ୍ତର ସଫଳତା ପାଇଁ ଶୁଭେଚ୍ଛା । ସେହିପରି ଅନ୍ୟ ଏକ ଟ୍ୱିଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମନୱେଲ୍ଥ ଗେମ୍ସ-୨୦୨୬ରେ ପୁରୁଷ ପାରା ଶଟ୍‌ପୁଟ୍ ଏଫ୍-୫୭ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୋମନ ରାଣା ଏବଂ ରୌପ୍ୟ ପଦକ ଜିତିଥିବା ଶୁଭମ ଜୁୟାଲଙ୍କୁ ମଧ୍ୟ ହାର୍ଦ୍ଦିକ ଅଭିନନ୍ଦନ । ଏହି ସ୍ୱର୍ଣ୍ଣ-ରୌପ୍ୟ ସଫଳତା ଭାରତୀୟ ପାରା ଆଥଲେଟିକ୍ସ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଆପଣମାନଙ୍କର ଅସାଧାରଣ ଶକ୍ତି, ଦୃଢ଼ତା ଓ ସଂକଳ୍ପର ଏହା ଏକ ଉଜ୍ଜ୍ୱଳ ପ୍ରତିଫଳନ । ଟିମ୍ ଇଣ୍ଡିଆର ଆଗାମୀ ସଫଳତା ପାଇଁ ଅନେକ ଶୁଭେଚ୍ଛା । ମୁଖ୍ୟମନ୍ତ୍ରୀ କମନୱେଲ୍ଥ ଗେମ୍ସ-୨୦୨୬ରେ ମହିଳା ୬୦ କିଲୋଗ୍ରାମ ବକ୍ସିଂ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରିୟା ଘଂଘାସ, ପୁରୁଷ ୬୦ କିଲୋଗ୍ରାମ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଥିବା ସଚିନ ସିୱାଚ, ପୁରୁଷ ୮୦ କିଲୋଗ୍ରାମ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଙ୍କୁଶ ପଙ୍ଘାଲଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୁରୁଷ ୫୫ କିଲୋଗ୍ରାମ ବକ୍ସିଂ ବିଭାଗରେ ରୌପ୍ୟ ପଦକ ଜିତିଥିବା ଯାଦୁମଣି ସିଂହ ମାଣ୍ଡେଙ୍ଗବମ, ମହିଳା ୭୫ କିଲୋଗ୍ରାମ ବକ୍ସିଂରେ ରୌପ୍ୟ ପଦକ ଜିତିଥିବା ଲଭଲିନା ବୋର୍ଗୋହେନ ଏବଂ ପୁରୁଷ ୯୦+ କିଲୋଗ୍ରାମ ବକ୍ସିଂରେ ରୌପ୍ୟ ପଦକ ଜିତିଥିବା ନରେନ୍ଦ୍ର ବେରୱାଲଙ୍କୁ ମଧ୍ୟ ଅନେକ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ଯେ, ଆମ କ୍ରୀଡ଼ାବିତ୍‌ମାନଙ୍କର ଏହି ଉଲ୍ଲେଖନୀୟ ସଫଳତା ସେମାନଙ୍କର ଦୃଢ଼ ସଂକଳ୍ପ, ଶୃଙ୍ଖଳା ଏବଂ କ୍ରୀଡ଼ା ଉତ୍କର୍ଷତାର ପରିଚୟ ଦେଇଛି, ଯାହା ସମଗ୍ର ଦେଶକୁ ଗର୍ବିତ କରିଛି । ଟିମ୍ ଇଣ୍ଡିଆ ଏଭଳି ସଫଳତାର ଧାରା ଜାରି ରଖୁ ଏବଂ ଆଗାମୀ ଦିନରେ ଆହୁରି ଅନେକ ଗୌରବମୟ ମୁହୂର୍ତ୍ତ ସୃଷ୍ଟି କରୁ— ଏହି ଶୁଭେଚ୍ଛା ।


## ଓଡ଼ିଶା ରାଜପଥରେ ଇଓ ଆଧାରିତ ଇ-ଚାଲାଣ ସିଷ୍ଟମ

## ନିୟମ ଉଲ୍ଲଂଘନ କଲେ ଘରେ ପହଂଚିବ ଚାଲାଣ



ଭୁବନେଶ୍ୱର :ଜାତୀୟ ଓ ରାଜ୍ୟ ରାଜପଥରେ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବା ପାଇଁ ଏଆଇ ଆଧାରିତ ଇ-ଚାଲାଣ ସିଷ୍ଟମ ଓଡ଼ିଶାର କାର୍ଯ୍ୟକ୍ଷମ କରାଯାଉଛି । ଏହି ଆଧୁନିକ ବ୍ୟବସ୍ଥା ମାଧ୍ୟମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରି ତୁରନ୍ତ ଇ-ଚାଲାଣ ଜାରି କରାଯିବ । ରାଜପଥରେ ସ୍ଥାପିତ ହାଇ-ରେଜୋଲ୍ୟୁସନ୍ ଇଓ କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟ୍‌କୁ ସ୍ୱୟଂଚାଳିତ ଭାବେ ପଢ଼ିପାରିବ । ସେହିପରି ଗାଡ଼ିର ଗତିସୀମା, ଲେନ୍ ବ୍ୟବହାର ଓ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ପାଳନ ଉପରେ ମଧ୍ୟ ନଜର ରଖିବ । ନିୟମ ଉଲ୍ଲଂଘନ ହେଲେ ସମ୍ପୂର୍ଣ୍ଣ ତଥ୍ୟ ସ୍ୱୟଂଚାଳିତ ଭାବେ କେନ୍ଦ୍ରୀୟ ସର୍ଭରକୁ ପଠାଯିବ ଏବଂ ସେହି ଆଧାରରେ ଇ-ଚାଲାଣ ପ୍ରସ୍ତୁତ ହେବ । ଏହି ସିଷ୍ଟମ ମାଧ୍ୟମରେ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ହେଲମେଟ୍ ବିନା ବାଇକ୍ ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧିବା, ମୋବାଇଲ୍ ଫୋନ୍ ବ୍ୟବହାର କରି ଡ୍ରାଇଭିଂ କରିବା, ରେଡ୍ ସିଗ୍ନାଲ୍ ଉଲ୍ଲଂଘନ ଏବଂ ଭୁଲ୍ ଲେନ୍‌ରେ ଯାତାୟାତ ଭଳି ବିଭିନ୍ନ ଟ୍ରାଫିକ୍ ନିୟମ ଅବମାନନାକୁ ସହଜରେ ଚିହ୍ନଟ କରାଯିବ । ନିୟମ ଭଙ୍ଗ କରିଥିବା ଗାଡ଼ିର ମାଲିକଙ୍କ ନାମରେ ଇ-ଚାଲାଣ ଜାରି ହେବ ଏବଂ ଏସଏମଏସ କିମ୍ବା ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଏହାର ସୂଚନା ମିଳିବ । ଏଆଇ ଆଧାରିତ ଏହି ବ୍ୟବସ୍ଥାର ସବୁଠାରୁ ବଡ଼ ସୁବିଧା ହେଉଛି ଏହା ୨୪ ଘଂଟା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିପାରିବ । ଏଥିରେ ମାନବୀୟ ତ୍ରୁଟି ଓ ହସ୍ତକ୍ଷେପ କମିବା ସହ ପ୍ରମାଣ ଆଧାରିତ ଚାଲାଣ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ହେବ । ଏହା ଟ୍ରାଫିକ୍ ପରିଚାଳନାକୁ ମଧ୍ୟ ଅଧିକ ଦକ୍ଷ ଏବଂ ପ୍ରଭାବଶାଳୀ କରିବ । ସଡ଼କ ଦୁର୍ଘଟଣା ହ୍ରାସ କରିବା, ବେପରୁଆ ଡ୍ରାଇଭିଂକୁ ରୋକିବା ଏବଂ ଲୋକଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ପ୍ରତି ସଚେତନତା ବଢ଼ାଇବା ଏହି ନୂଆ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ।

## ନୌସେନାର ନୂଆ ଡେପୁଟି ଚିଫ୍ ହେଲେ ଭାଇସ୍ ଆଡମିରାଲ୍ ଏଏନ୍ ପ୍ରମୋଦ



ନୂଆଦିଲ୍ଲୀ: ଭାଇସ୍ ଆଡମିରାଲ୍ ଏଏନ୍ ପ୍ରମୋଦ ଶନିବାର ଦିନ ଭାରତୀୟ ନୌସେନାର ଡେପୁଟି ଚିଫ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଭାଇସ୍ ଆଡମିରାଲ୍ ତରୁଣ ସୋବତିଙ୍କ ସ୍ଥାନ ନେଇଛନ୍ତି । ଯିଏ ୩୮ ବର୍ଷରୁ ଅଧିକ ସମୟ ସେବା ପରେ ୩୧ ଜୁଲାଇରେ ଅବସର ନେଇଥିଲେ । ଏଏନ୍ ପ୍ରମୋଦ ଅପରେସନ୍ ସିନ୍ଦୂର, ଗାଲୱାନ୍ ସଂଘର୍ଷ ପରେ ଅପରେସନ୍ ସ୍ନୋ ଲେପାର୍ଡ ଏବଂ ୧୯୯୯ ମସିହାରେ ଅପରେସନ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାରତୀୟ ନୌସେନା ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଭାଇସ୍ ଆଡମିରାଲ୍ ଏଏନ୍ ପ୍ରମୋଦ ଗୋଆର ଭାରତୀୟ ନୌସେନା ଏକାଡେମୀରେ ୩୮ତମ ସମନ୍ୱିତ କ୍ୟାଡେଟ୍ କୋର୍ସର ପୂର୍ବତନ ଛାତ୍ର । ତାଙ୍କୁ ୧ ଜୁଲାଇ, ୧୯୯୦ରେ ଭାରତୀୟ ନୌସେନାରେ କମିଶନ କରାଯାଇଥିଲା । ସେ ଜଣେ କ୍ୟାଟ୍-ଏ ସି କିଙ୍ଗ୍ ଏୟାର ଅପରେସନ୍ସ ଅଫିସର ଏବଂ ଜଣେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ବିଶେଷଜ୍ଞ । ସେ ୱେଲିଂଟନ୍‌ର ପ୍ରତିରକ୍ଷା ସେବା ଷ୍ଟାଫ୍ କଲେଜ ଏବଂ ଗୋଆର ନୌସେନା ଯୁଦ୍ଧ କଲେଜରୁ ଉଚ୍ଚ ସାମରିକ ଶିକ୍ଷା ଗ୍ରହଣ କରିଛନ୍ତି । ୩୬ ବର୍ଷରୁ ଅଧିକ ସମୟ ଧରି ତାଙ୍କ କ୍ୟାରିୟରରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ।

## ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ

## ବୃଦ୍ଧି ପାଇବ ମହାନଦୀ ଜଳସ୍ତର




କଟକ : ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଆଜି ସକାଳ ୯ଟା ସୁଦ୍ଧା ଡ୍ୟାମ୍‌ର ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ବର୍ତମାନ ହୀରାକୁଦର ଜଳସ୍ତର ୬୨୪ ଫୁଟ୍ ରେ ରହିଥିବା ବେଳେ ସେକେଣ୍ଡକୁ ହାରାହାରି ୨ ଲକ୍ଷ ୩୭ ହଜାର ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ଖୋଲାଥିବା ଗେଟ୍ ଗୁଡ଼ିକ ଦେଇ ୩ ଲକ୍ଷ ୮୭ ହଜାର କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ୩ଦିନ ତଳେ ହୀରାକୁଦ ଛାଡିଥିବା ବନ୍ୟାଜଳ ଆଜି ସଂଧ୍ୟା ସୁଦ୍ଧା ମୁଣ୍ଡଲୀରେ ପହଂଚିବ । ତେଣୁ ମହାନଦୀ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବ । ତେବେ ଅତି ବେଶିରେ ମୁଣ୍ଡୁଲିରେ ୬ ଲକ୍ଷରୁ ୭ ଲକ୍ଷ ପର୍ଯ୍ୟନ୍ତ ପାଣି ଚାଲିପାରେ । ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ କହିବାନୁସାରେ ମହାନଦୀରେ ଏବେ ବନ୍ୟା ଆଶଙ୍କା ନାହିଁ । ସବୁ ନଦୀରେ ଜଳସ୍ତର କମିବା ସହ ବିପଦ ସଙ୍କେତ ତଳେ ରହିଛି । ମହାନଦୀରେ ବନ୍ୟା ସଙ୍କଟ ଚଳିଥିଲେ ମଧ୍ୟ ବିଭିନ୍ନ ତଳି ଅଂଚଳରେ ପାଣି ପଶିଛି । କଟକର ବାଙ୍କୀ, ତିଗିରିଆ, ଆଠଗଡ଼, ଜଗତସିଂହପୁରର କୁଜଙ୍ଗ, ତିର୍ତୋଲ, କେନ୍ଦ୍ରାପଡ଼ାର ବିଭିନ୍ନ ବ୍ଲକର ତଳି ଅଂଚଳ, ପୁରୀର କଣାସ, ଖୋର୍ଦ୍ଧାର କେତେକ ଅଂଚଳରେ ପାଣି ପଶିଛି । ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡ଼ି ଯିବା ସମ୍ଭାବନା ଅଛି । ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆକଳନ ପରେ ତୁରନ୍ତ ଘର ଭଙ୍ଗା ଆଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ରାଜ୍ୟଗୁଡ଼ିକୁ ୮.୨୨ କୋଟି ଟଙ୍କା ପ୍ରଦାନ କଲା ଏନବିଏ

ନୂଆଦିଲ୍ଲୀ : ଜାତୀୟ ଜୈବ ବିବିଧତା ପ୍ରାଧିକରଣ (ଏନ୍. ବି. ଏ.) ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଧାନ ଉତ୍ପାଦନ କରୁଥିବା ରାଜ୍ୟଗୁଡ଼ିକୁ ୮.୨୨ କୋଟି ଟଙ୍କା ପ୍ରଦାନ କରିଛି । ଏହି ଅର୍ଥ ଏକ ଆନ୍ତର୍ଜାତୀୟ ବିହନ କମ୍ପାନୀରୁ ଆସିଛି ଯାହା ଭାରତୀୟ ଧାନ କିସମ ବ୍ୟବହାର କରି ହାଇବ୍ରିଡ୍ ବିକଶିତ ଏବଂ ବ୍ୟବସାୟିକ ଭାବରେ ବିକ୍ରୟ କରୁଛି । ଏହାକୁ ଧାନ ପାଇଁ ସର୍ବବୃହତ ଏକକ ଲାଭ ବଂଟନ ଭାବେ ବିବେଚନା କରାଯାଉଛି । କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ଅନୁଯାୟୀ, ମୋଟ ରାଶି ମଧ୍ୟରୁ ୨.୪୭ କୋଟି ଟଙ୍କା ଧାନ କିସମର ସଂରକ୍ଷଣ ଏବଂ ବାଂଟୁଥିବା ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଦିଆଯାଇଛି । ଏଥିମଧ୍ୟରୁ ଆଇସିଏଆର-ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରାଇସ୍ ରିସର୍ଚ୍ଚ, ହାଇଦ୍ରାବାଦ ୨.୪୩ କୋଟି ଟଙ୍କା ପାଇଥିବାବେଳେ ଉତରାଖଣ୍ଡର ଗୋବିନ୍ଦ ବଲ୍ଲଭ ପନ୍ତ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ୩.୨୬ ଲକ୍ଷ ଟଙ୍କା ପାଇଛି । ୩୩ଟି ରାଜ୍ୟ ଜୈବ ବିବିଧତା ବୋର୍ଡ ଏବଂ କେନ୍ଦ୍ରଶାସିତ ଅଂଚଳ ଜୈବ ବିବିଧତା ପରିଷଦ ପାଇଁ ୫.୭୫ କୋଟି ଟଙ୍କା ଆବଂଟନ କରାଯାଇଛି । କୃଷି ମନ୍ତ୍ରଣାଳୟର ସମନ୍ୱିତ ପୋର୍ଟାଲରେ ରେକର୍ଡ ହୋଇଥିବା ଧାନ ଚାଷ କ୍ଷେତ୍ର ଆଧାରରେ ଏହି ଆବଂଟନ କରାଯାଇଛି । ଉତର ପ୍ରଦେଶ ସର୍ବାଧିକ ୭୩ ଲକ୍ଷ ଟଙ୍କା ପାଇଛି । ପଶ୍ଚିମବଙ୍ଗ, ତେଲେଙ୍ଗାନା, ଓଡ଼ିଶା, ଛତିଶଗଡ଼, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଆସାମ ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟ ଶ୍ରେଷ୍ଠ ଦଶଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛନ୍ତି । ଏହି ପାଣ୍ଠିର ଉପଯୋଗ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ବିହନ ସଂଗ୍ରହ, ଜର୍ମପ୍ଲାଜ୍ମ ସଂରକ୍ଷଣ, ଗବେଷଣା ଏବଂ ପ୍ରଶିକ୍ଷଣକୁ ସୁଦୃଢ଼ କରିବା ପାଇଁ କରାଯିବ । ଏଥି ସହିତ, ରାଜ୍ୟ ବୋର୍ଡ ଏବଂ ପରିଷଦ ଏହାକୁ ସ୍ଥାନୀୟ ଫସଲ ବିବିଧତାର ସଂରକ୍ଷଣ, ଇକୋସିଷ୍ଟମ୍ ପୁନରୁଦ୍ଧାର, ପାରମ୍ପାରିକ ଜ୍ଞାନର ଡକ୍ୟୁମେଂଟେସନ୍ ଏବଂ କୃଷକ ତଥା ଜ୍ଞାନ ଧାରକଙ୍କୁ ସମର୍ଥନ ଭଳି କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବେ ।

## ନିଟ୍ ପିଜି-୨୦୨୬ ପାଇଁ କଡ଼ା ସୁରକ୍ଷା

## ଏଥର ଗୋଟିଏ ପର୍ଯ୍ୟାୟରେ ପରୀକ୍ଷା



ଭୁବନେଶ୍ୱର : ନିଟ୍ ପିଜି-୨୦୨୬ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ପରିବର୍ତନ କରିଛନ୍ତି । ଅଗଷ୍ଟ ୩୦ ତାରିଖ ରବିବାର ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦ ପର୍ଯ୍ୟନ୍ତ ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ କମ୍ପ୍ୟୁଟରଭିତିକ ପରୀକ୍ଷା ହେବ । ପରୀକ୍ଷାର୍ଥୀଙ୍କୁ ସକାଳ ୭ଟାରୁ କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ଏବଂ ସାଢ଼େ ୮ଟାରେ ପ୍ରବେଶଦ୍ୱାର ବନ୍ଦ କରିଦିଆଯିବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶନିବାର ନ୍ୟାସନାଲ୍ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍), ପ୍ରଯୁକ୍ତି ସହଯୋଗୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ସମୀକ୍ଷା କରିଥିଲେ । ପରୀକ୍ଷା ଯେପରି ସୁରୁଖୁରୁରେ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ହୁଏ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥର ମୋଟ ୨ ଲକ୍ଷ ୭୩ ହଜାର ୧୮୩ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ତୁଳନାରେ ଏହି ସଂଖ୍ୟା ସାଢ଼େ ୧୨ ପ୍ରତିଶତରୁ ଅଧିକ । ପ୍ରାୟ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ହେବ ଏବଂ ୬୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହେବେ । ପରୀକ୍ଷା କେନ୍ଦ୍ର ବଂଟନରେ ପୂର୍ବରୁ ପ୍ରଚଳିତ 'ଆଗେ ଆସିଲେ ଆଗେ ପାଇବେ' ବ୍ୟବସ୍ଥାକୁ ହଟାଇ ଦିଆଯାଇଛି । ପରୀକ୍ଷାର୍ଥୀ ତିନିଟି ରାଜ୍ୟକୁ ପସନ୍ଦ କରିପାରିବେ । ସେମାନଙ୍କ ଚିଠିପତ୍ର ଠିକଣା ଥିବା ରାଜ୍ୟକୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ । ଫଳରେ ବାସସ୍ଥାନ ନିକଟରେ କେନ୍ଦ୍ର ମିଳିବାର ସମ୍ଭାବନା ବଢ଼ିବ । ପରୀକ୍ଷାର ପ୍ରାୟ ତିନି ସପ୍ତାହ ପୂର୍ବରୁ ସହର ସମ୍ପର୍କରେ ସୂଚନା ମିଳିବ । ପୂର୍ବର ୨୦୦ ବଦଳରେ ଏଥର ୧୮୦ଟି ପ୍ରଶ୍ନ ରହିବ । କିନ୍ତୁ ପରୀକ୍ଷା ଅବଧି ୨୧୦ ମିନିଟ୍ ରହିବାରୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଧିକ ସମୟ ମିଳିବ ।

## ଦୁଲୀପ ଟ୍ରଫି ୨୦୨୬ ପାଇଁ ଦକ୍ଷିଣ ଜୋନ୍‌ର ଅଧିନାୟକ ହେଲେ ତିଲକ ବର୍ମା



ନୂଆଦିଲ୍ଲୀ : ୨୦୨୬ ଦୁଲୀପ ଟ୍ରଫି ଫାଷ୍ଟ କ୍ଲାସ ଟୁର୍ଣ୍ଣାମେଂଟ ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ଟୁର୍ଣ୍ଣାମେଂଟରେ ଛଅଟି ଦଳ ଅଂଶଗ୍ରହଣ କରିବେ । ପଶ୍ଚିମ ଜୋନ୍, ପୂର୍ବ ଜୋନ୍, ଦକ୍ଷିଣ ଜୋନ୍, ଉତର ଜୋନ୍, ଉତର-ପୂର୍ବ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍ । ଦକ୍ଷିଣ ଜୋନ୍ ଦଳ ଏବେ ଘୋଷଣା କରାଯାଇଛି, ତିଲକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଆନ୍ଧ୍ର ବ୍ୟାଟର ରିକି ଭୁଇ ଉପ-ଅଧିନାୟକ ଭାବରେ ଦାୟିତ୍ୱ ସମ୍ଭାଳିବେ । କୌଣସି ଦଳ ପାଇଁ ଅଧିନାୟକ ହେବାର ଦାୟିତ୍ୱ ତିଲକ ବର୍ମାଙ୍କ ପାଇଁ ଏହା ପ୍ରଥମ ନୁହେଁ ବରଂ ସେ ପୂର୍ବରୁ ହାଇଦ୍ରାବାଦ ଦଳ ଏବଂ ଭାରତ ଏ ଦଳର ନେତୃତ୍ୱ ନେଇଥିଲେ । ଦକ୍ଷିଣ ଜୋନ୍ ଦଳରେ କରୁଣ ନାୟାର, ଶ୍ରେୟସ ଗୋପାଳ ଏବଂ ଏନ. ଜଗଦୀସନଙ୍କ ଭଳି ପ୍ରମୁଖ କ୍ରିକେଟର ମଧ୍ୟ ଅଛନ୍ତି । ତିଲକ ବର୍ମା ଭାରତୀୟ ଟି-୨୦ ଦଳର ଜଣେ ନିୟମିତ ସଦସ୍ୟ ଅଛନ୍ତି ଏବଂ ଏହାର ଉପ-ଅଧିନାୟକ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ସେ ଗତ ବର୍ଷ ଦୁଲୀପ ଟ୍ରଫିରେ ଖେଳି ନଥିଲେ । ଦଳର ଅଧିନାୟକ ଥିଲେ ମହମ୍ମଦ ଆଝାରୁଦ୍ଦିନ, ଯିଏକି ଏଥର ଦଳରେ ସାମିଲ ନାହାଁନ୍ତି । ଏପର୍ଯ୍ୟନ୍ତ ୨୩ଟି ମ୍ୟାଚ୍ ବିଶିଷ୍ଟ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ, ତିଲକ ସାତଟି ଶତକ ସହିତ ୧,୫୬୨ ରନ କରିଛନ୍ତି । ଡୁଲିପ୍ ଟ୍ରଫି ପାଇଁ ସାଉଥ୍ ଜୋନ୍ ଦଳ: ତିଲକ ବର୍ମା (କ୍ୟାପଟେନ୍), ରିକି ଭୁଇ (ଉପ-ଅଧିନାୟକ), ଏସ୍.କେ ରସିଦ, ଅଭିନବ ତେଜରାନା, ଆର. ସ୍ମରଣ, ଏନ ଜଗଦିସନ, କେ ହିମତେଜା, କରୁଣ ନାୟାର, ଟି ତ୍ୟାଗରାଜନ, ଶ୍ରେୟସ ଗୋପାଳ, କେ ସାଇ ତେଜା, ଟି ବିଜୟ, ଅମନ ଖାନ, ବି. କଓ୍ୱରପ୍ପା । ଦୁଲୀପ ଟ୍ରଫି ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବ ଏବଂ ଫାଇନାଲ୍ ସେପ୍ଟେମ୍ବର ୬ ତାରିଖରେ ଖେଳାଯିବ । ଗତବର୍ଷର ଫାଇନାଲିଷ୍ଟ ଦକ୍ଷିଣ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍ ସିଧାସଳଖ ସେମିଫାଇନାଲରେ ପ୍ରବେଶ ମିଳିଛି । ଏହି ସମୟରେ, କ୍ୱାର୍ଟର ଫାଇନାଲରେ, ପୂର୍ବ ଜୋନ୍, ଉତର-ପୂର୍ବ ଜୋନ୍ ସହିତ ଏବଂ ଉତର ଜୋନ୍, ପଶ୍ଚିମ ଜୋନ୍ ସହିତ ମୁକାବିଲା କରିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**